## ସଂକ୍ଷେପରେ

### ୪୭.୧୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୫।୨(ବ୍ୟୁରୋ): ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଏୟାରପୋର୍ଟ ଥାନା ପୋଲିସ ଜଣେ ମହିଳା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡାର ରଜନୀ ସାହୁ। ପୋଲିସ ତାଙ୍କଠାରୁ ୪୭.୧୨ ଗ୍ରାମ୍ ବ୍ରାଉନସୁଗାର, ନଗଦ ୨୩ ହଜାର ୨୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ରଜନୀ ଏୟାରପୋର୍ଟ ଥାନା ଅନ୍ତର୍ଗତ ମା’ ଗୌରୀ ରିସର୍ଟ ସାମ୍ନା କାର୍ଗିଲ ବସ୍ତିରେ ରହି ବ୍ରାଉସୁଗାର ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ତାଙ୍କ ଘର ଉପରେ ଚଢାଉ କରିଥିଲା। ତେବେ ଗିରଫ ପରେ ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ଖୋର୍ଦ୍ଧାରୁ ୬୦ ହଜାର ଟଙ୍କାରେ ବ୍ରାଉନସୁଗାର କିଣି ୯୦ ହଜାରରେ ବିକ୍ରି କରୁଥିଲେ ବୋଲି ପଚରାଉଚରାବେଳେ ପୋଲିସ ଜାଣିବାକୁ ପାଇଛି।

### ୩ ମୋବାଇଲ ଚୋର ଗିରଫ

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୨୫।୨ (ଡି.ଏନ.ଏ.): ମୋବାଇଲ ଚୋରି ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ବଶିଷ୍ଠନଗରରେ ରହୁଥିବା ସରୋଜ କୁମାର ପାତ୍ର (୩୮), ସନ୍ତୋଷ କୁମାର ବେହେରା (୩୧) ଓ ଧଉଳିର ବିଜୟ କୁମାର କର(୫୧)। ସେମାନଙ୍କଠାରୁ ଚୋରି ମୋବାଇଲ୍ ଫୋନ୍ ଜବତ କରିଛି। ସୂଚନାନୁସାରେ, ସୁଲୋଚନା ଦାସ ନାମ୍ନୀ ମହିଳା ବଶିଷ୍ଠନଗରରେ ରହୁଛନ୍ତି। ଅଭିଯୁକ୍ତମାନେ କୌଶଳକ୍ରମେ ତାଙ୍କ ମୋବାଇଲ୍ ଫୋନ୍‌କୁ ଚୋରି କରିନେଇଥିଲେ। ଏନେଇ ସୁଲୋଚନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ. ୫୩/୨୨ ରୁଜୁ କରି ତଦନ୍ତ ଚଳାଇଥିଲା।

### ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୨୫।୨(ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ବେହେରା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଓଡ଼ିଶାର ଦୁଇଥର ମୁଖ୍ୟମନ୍ତ୍ରୀ ଥିବା ସ୍ୱର୍ଗତ ବିଶ୍ୱାଳ ଜଣେ ବରିଷ୍ଠ ଆଦିବାସୀ ନେତା, ଦଳିତ, ଆଦିବାସୀ ଓ ପଛୁଆବର୍ଗର ଜଣେ ଦରଦୀ ରାଜନେତା ଏବଂ ସର୍ବୋପରି ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ରାଜନୈତିକ ବ୍ୟକ୍ତିବିଶେଷ ଭାବରେ ବେଶ ପରିଚିତ ଥିଲେ। ସ୍ୱର୍ଗତଃ ହେମାନନ୍ଦ ବିଶ୍ୱାଳଙ୍କ ଆତ୍ମାର ସଦଗତି କାମନା କରିବା ସହ ପ୍ରଭୁ ଜଗନ୍ନାଥ ତାଙ୍କ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ପାର୍ଟିର ଅନ୍ୟ ସଦସ୍ୟମାନେ ମଧ ଶୋକବ୍ୟକ୍ତ କରିଛନ୍ତି।

### ଆଜି କଂଗ୍ରେସ ଭବନରେ ଶୋକସଭା

ଭୁବନେଶ୍ୱର,୨୫।୨(ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗ ଶୁକ୍ରବାର ଏକ ଘରୋଇ ହସପିଟଲାରେ ହୋଇଯାଇଛି। ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶନିବାର କଂଗ୍ରେସ ଭବନରେ ଏକ ଶୋକସଭା ଅନୁଷ୍ଠିତ ହେବ। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧକ୍ଷତା କରିବା ସହ ବହୁ କଂଗ୍ରେସ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ତାଙ୍କ ଶୁଭେଚ୍ଛୁମାନଙ୍କୁ କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି।

# କୋଭିଡ୍ କେୟାର ସେଣ୍ଟର ୨୮ରୁ ବନ୍ଦ

**ନିଷ୍ପତ୍ତି ନେଲା ବିଏମ୍‌ସି**

- ହାଇଟେକ ଓ କିମ୍ସ କୋଭିଡ୍ ହସ୍ପିଟାଲକୁ ବନ୍ଦ ନୋଟିସ
- ସମ୍ ଓ ଆଦିତ୍ୟ ଅଶ୍ୱିନୀରେ ଶଯ୍ୟା କମାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସୁଛି। ସଂକ୍ରମଣ ଏବେ ନିୟନ୍ତ୍ରଣାଧୀନ ରହିଥିବାବେଳେ ରାଜଧାନୀରେ ମଧ ଦୈନିକ ଆକ୍ରାନ୍ତ ସଂଖ୍ୟା କମିବାରେ ଲାଗିଛି। ତେଣୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କୋଭିଡ୍ କେୟାର ସେଣ୍ଟରକୁ ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୮ ତାରିଖରୁ ସମସ୍ତ କୋଭିଡ୍ କେୟାର ସେଣ୍ଟର ବନ୍ଦ ହେବ ବୋଲି ବିଏମ୍‌ସି ସୂଚନା ଦେଇଛି। ଅନ୍ୟପକ୍ଷରେ ସହରରେ ଥିବା କୋଭିଡ୍ ହସ୍ପିଟାଲ ମଧ୍ୟରୁ ହାଇଟେକ କୋଭିଡ୍ ହସ୍ପିଟାଲ ଓ କିମ୍ସ କୋଭିଡ୍ ହସ୍ପିଟାଲକୁ ବିଏମ୍‌ସି ପକ୍ଷରୁ କ୍ଲୋଜର ନୋଟିସ୍ ଜାରି କରାଯାଇଛି। ଏଥିସହ ସମ୍ ଓ ଆଦିତ୍ୟ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଶଯ୍ୟା ସଂଖ୍ୟା କମାଇବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ ହସ୍ପିଟାଲରେ ୭୦ ଓ ଅଶ୍ୱିନୀ ହସ୍ପିଟାଲରେ ୩୦ କୋଭିଡ୍ ଶଯ୍ୟା ରହିବ। ବର୍ତ୍ତମାନ ସହରରେ ସ୍ଥିତି ଭଲ ଥିବା ଓ କୋଭିଡ୍ ରୋଗୀ ସଂଖ୍ୟା ହ୍ରାସ ପାଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ବିଏମ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ତୃତୀୟ ଲହର ସଂକ୍ରମଣ ବୃଦ୍ଧି ପରେ ସହରରେ କୋଭିଡ୍ କେୟାର ସେଣ୍ଟର ଖୋଲାଯିବା ସହ କୋଭିଡ୍ କେୟାର ହସ୍ପିଟାଲ ମଧ ପୁଣି କାର୍ଯ୍ୟକ୍ଷମ କରାଯାଇଥିଲା। କରୋନା ସଂକ୍ରମିତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ଜାନୁୟାରୀ ୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଏମ୍‌ସି ସହିତ କିମ୍ସ ଓ ହାଇଟେକ୍ ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ଅନୁଯାୟୀ କିମ୍ସ ୫ଶହ ଓ ହାଇଟେକ୍ ୨୩୯ ଶଯ୍ୟା ସହ କୋଭିଡ୍ ଚିକିତ୍ସା ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ସେହିପରି ପୂର୍ବରୁ ସେବା ଯୋଗାଉଥିବା ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲରେ ୧୫୦ଜଣ ଓ ସମ୍ ହସ୍ପିଟାଲରେ ୮୧୦ ରୋଗୀଙ୍କୁ ସେବା ଯୋଗାଇବାର କ୍ଷମତା ରହିଛି। ଏହାବାଦ୍ ପଟିଆ ଓ ଡୁମୁଡୁମାରେ ବିଏମ୍‌ସି ପକ୍ଷରୁ ହୋଇଥିବା କୋଭିଡ୍ କେୟାର ସେଣ୍ଟରରେ ୧୦୦ ରୋଗୀଙ୍କୁ ସେବା ଯୋଗାଇବା କ୍ଷମତା ରହିଥିଲା।

# ଆଜି ୩୨ ଜୋନ୍‌ର ପ୍ରାର୍ଥୀଙ୍କ ଭୋଟ ଗଣତି

ବାରଙ୍ଗ,୨୫।୨(ଡି.ଏନ୍.ଏ.)

ଶେଷ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ସରିଥିବାବେଳେ ଶନିବାରଠାରୁ ଗଣତି ଆରମ୍ଭ ହେବ। ତେବେ ଶନିବାର ବାରଙ୍ଗ ବ୍ଲକ ପରିସରରେ ଜିଲା ପରିଷଦ ଆସନ ଲାଗି ୩୨ନଂ. ଜୋନ୍‌ର ଗଣତି ହେବ। ବାରଙ୍ଗ ବ୍ଲକର କୁହ୍ନେଇପଡ଼ା, ଶ୍ରୀବନ୍ତପୁର, ରାମଦାସପୁର, ନରାଜ, ମୁଣ୍ଡଳୀ, ମଧୁପୁର, ଦାଢ଼ାପାଟଣା ଓ ବେଲଗଛିଆ ଆଦି ୮ଟି ପଞ୍ଚାୟତକୁ ନେଇ ଗଠିତ ୩୨ନଂ ଜିଲା ପରିଷଦ ଆସନ। ଏହି ଜୋନ୍‌ରୁ ୪ଜଣ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ୮ଟି ପଞ୍ଚାୟତରେ ସମିତିସଭ୍ୟ ୨୭ଜଣ, ସରପଞ୍ଚ ୩୦ଜଣ, ୱାର୍ଡମେମ୍ବର ୧୫୫ ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଉସୁମା, ହରିଅନ୍ତା, କୋରକୋରା, ନଗରୀ, ଖଲର୍ଦା, ସାଇଁଶୋ, କୁରାଙ୍ଗପ୍ରଧାନ ଓ କୁରାଙ୍ଗଶାସନ ଆଦି ୮ଟି ପଞ୍ଚାୟତକୁ ନେଇ ୩୩ନଂ ଜୋନ୍ ଜିଲା ପରିଷଦ ଆସନ ଗଠିତ। ଏହି ୮ଟି ପଞ୍ଚାୟତରେ ସମିତିସଭ୍ୟ ୩୪ଜଣ, ସରପଞ୍ଚ ୩୩ଜଣ, ୱାର୍ଡମେମ୍ବର ୧୬୧ଜଣ ଓ ଜିଲା ପରିଷଦ ପାଇଁ ୫ଜଣ ପ୍ରାର୍ଥୀ ହୋଇଛନ୍ତି। ୩୩ନଂ. ଜୋନ୍ ପାଇଁ ରବିବାର ବାରଙ୍ଗ ବ୍ଲକ ପରିସରରେ ଭୋଟ ଗଣତି କରାଯିବ ବୋଲି ବିଡିଓ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି।



ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବୁଧବାର ଆୟୋଜିତ ‘ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସଫଳତା’ ଶୀର୍ଷକ ପ୍ରଦର୍ଶନୀକୁ ଛାତ୍ରୀଛାତ୍ରମାନେ ବୁଲି ଦେଖୁଛନ୍ତି।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତ ସଫଳତା ପାଇଛି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସଫଳତା’ ଶୀର୍ଷକରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଏକ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଓ ବିଜ୍ଞାନ ପରିସର ପକ୍ଷରୁ ଏହି ଆଜାଦି କା ମହୋତ୍ସବ ପ୍ରଦର୍ଶନୀ ଆୟୋଜିତ ହୋଇଛି। ୭ ଶତାବ୍ଦୀ ଧରି ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଔଷଧ, ଜ୍ୟୋତିର୍ବିଜ୍ଞାନ ଆଦି କ୍ଷେତ୍ରରେ ଅନେକ ଉନ୍ନତି ଘଟିଛି। ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହରୀକରଣ, ଜିଙ୍କ ମେଲ୍ଟିଙ୍ଗ, ବର୍ଷା ଜଳ ଅମଳ ଆଦି ବହୁ ପଦକ୍ଷେପ ନିଆଯାଇଛି। ସି. ଭି. ରମଣଙ୍କ ବିଜ୍ଞାନ ଦିଗରେ ଥିବା ଅତୁଳନୀୟ ତ୍ୟାଗ ଯୋଗୁ ତାଙ୍କ ଉଦ୍ଦେଶ୍ୟରେ ଫେବୃୟାରୀ ୨୮କୁ ବିଜ୍ଞାନ ଦିବସ ରୂପେ ପାଳନ କରାଯାଉଛି। ସ୍ୱାଧୀନତା ପରେ ଭାରତ ଏହି ଦିଗରେ ଅନେକ ଆହ୍ୱାନକୁ ପାର କରି ବହୁ ସଫଳତା ପାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁଧାକର ପଣ୍ଡା ଯୋଗ ଦେଇଥିବାବେଳେ ଛାତ୍ରୀଛାତ୍ର, ଶିକ୍ଷକ, ଖବରଦାତା ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# କଡ଼ା ସୁରକ୍ଷାରେ ହେବ ଭୋଟ ଗଣତି

ଖୋର୍ଦ୍ଧା ଅଫିସ,୨୫।୨

ଖୋର୍ଦ୍ଧା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୋଟ ଗଣତି କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସକାଳ ୮ଟାରୁ ନିର୍ଦ୍ଧାରିତ କେନ୍ଦ୍ରରେ ଭୋଟ ଗଣତି ଆରମ୍ଭ ହେବ। ଜିଲାର ୩୦ ଜୋନ୍‌ରେ ୧୨୯ ଜିଲା ପରିଷଦ ପ୍ରାର୍ଥୀ, ୧୯୦ ପଞ୍ଚାୟତରେ ୬୭୩ ସମିତିସଭ୍ୟ, ୭୮୭ ସରପଞ୍ଚ, ଏବଂ ୬୨୧୫ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପର୍ଯ୍ୟାୟକ୍ରମେ ଭାଗ୍ୟ ନିର୍ଦ୍ଧାରଣ ହେବ। ପ୍ରଥମ ଦିବସ(ଶନିବାର)ରେ ଜିଲାର ୧୦ଟି ବ୍ଲକ, ୬୦ ପଞ୍ଚାୟତର ୮୯୯ ୱାର୍ଡମେମ୍ବରଙ୍କ ନିମନ୍ତେ ଜୋନ୍‌ସ୍ତରୀୟ ଭୋଟ ଗଣତି କରାଯାଇ ଫଳ ପ୍ରକାଶ ପାଇବ। ୨୬ ତାରିଖରେ ଜୋନ୍ ନମ୍ବର ୧, ୪, ୭, ୯, ୧୩, ୧୬, ୧୯, ୨୨, ୨୫ ଓ ୨୮ର ଭୋଟ ଗଣତି କରାଯିବ। ୨୭ରେ ୨, ୫, ୮, ୧୦, ୧୪, ୧୭, ୨୦, ୨୩, ୨୬ ଓ ୨୯ ନଂ. ଜୋନ୍ ଭୋଟ ଗଣତି କରାଯିବ। ସେହିପରି ୨୮ ତାରିଖରେ ୩, ୬, ୧୧, ୧୨, ୧୫, ୧୮, ୨୧, ୨୪, ୨୭ ଓ ୩୦ନଂ. ଜୋନ୍‌ର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

# ପ୍ରାଚୀନ ଐତିହାସିକ ଲେଖନୀ ସମ୍ବନ୍ଧରେ ଆଲୋଚନା

**ଓଡ଼ିଶା ଇତିହାସର ଲୁଚ୍ଚାୟିତ ଅଧ୍ୟାୟକୁ ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିଥିଲେ କୃଷ୍ଣଚନ୍ଦ୍ର**

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଶୁକ୍ରବାର ‘ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଲେଖନୀରେ ସ୍ୱାଧୀନତା ସଂଗ୍ରାମୀ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରାଚୀନ ଐତିହାସିକ ଲେଖନୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସଂଜୟ ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଐତିହାସିକ ପାଣିଗ୍ରାହୀଙ୍କ ଲେଖା ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତା ଭାବେ ଲେଖକ ଡ. ଜୟନ୍ତୀ ରଥ ଯୋଗଦେଇ ଐତିହାସିକ କୃଷ୍ଣଚନ୍ଦ୍ରଙ୍କ ଲେଖନୀରେ ସ୍ୱାଧୀନତା ସଂଗ୍ରାମୀ ଯୋଗଦାନ ସମ୍ପର୍କିତ ଏକ ସମ୍ୟକ ସୂଚନା ପ୍ରଦାନ କରିବା ସହ ତାଙ୍କର କୀର୍ତ୍ତି ଓ କୃତି ସମ୍ବନ୍ଧରେ କହିଥିଲେ। ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଶା ଇତିହାସର ଅନେକ ଲୁଚ୍ଚାୟିତ ଅଧ୍ୟାୟକୁ ଗବେଷଣା ମାଧ୍ୟମରେ କିପରି ଲୋକଲୋଚନକୁ ଆଣିପାରିଥିଲେ ସେ ସମ୍ବନ୍ଧରେ ଡ. ରଥ ବର୍ଣ୍ଣନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ସଂଗୀତ ପରିବେଷଣ କରିଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ସଂଗ୍ରହାଧ୍ୟକ୍ଷା ଶୁଚିସ୍ମିତା ମନ୍ତ୍ରୀ ସଂଯୋଜନା କରିଥିବା ବେଳେ ଡ. ଭାରତୀ ପାଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ସାହାଣମେଳା, ଗର୍ଭଗୃହ ଦର୍ଶନ ବାରଣ

**ଜାଗରଯାତ୍ରା ଗାଇଡ୍‌ଲାଇନ୍ ଜାରିକଲା ବିଏମ୍‌ସି**



ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ଆସନ୍ତା ୧ ତାରିଖରେ ମହାଶିବରାତ୍ରି ଓ ଜାଗରଯାତ୍ରା। ରାଜଧାନୀରେ ଥିବା ମନ୍ଦିରରେ କୋଭିଡ୍ କଟକଣା ଭିତରେ ଏହାକୁ ପାଳନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିରରେ ସାହାଣମେଳା ଓ ଗର୍ଭଗୃହ ଦର୍ଶନକୁ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାରଠାରୁ ଆଡ଼କାଠ ମଧରେ ରହି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ। ତେବେ ଏହି ସମୟରେ ଶ୍ରଦ୍ଧାଳୁମାନେ କୌଣସି ପୂଜା, ଭୋଗ କରିପାରିବେ ନାହିଁ। ସେହିପରି ମନ୍ଦିର ମଧରେ ଉଭୟ ସେବାୟତ, ଶ୍ରଦ୍ଧାଳୁମାନଙ୍କୁ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ପରିସରରେ ପାନ, ଗୁଟ୍‌ଖା ଖାଇବା ଉପରେ ରୋକ୍ ଲଗାଯାଇଛି। ଅସୁସ୍ଥତା ଅନୁଭବ କରୁଥିବା ବ୍ୟକ୍ତି, ବୃଦ୍ଧ, ଗର୍ଭବତୀ ଏବଂ ୧୨ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିର ପ୍ରବେଶ ଉପରେ ବାରଣ କରାଯାଇଛି। ଶିବରାତ୍ରି ସମୟରେ କୌଣସି ମେଳା, ମହୋତ୍ସବ ହୋଇପାରିବ ନାହିଁ। ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମନ୍ଦିରରେ ଏହି ନିର୍ଦ୍ଦେଶନାମା ପାଳନ କରିବାକୁ କୁହାଯାଇଛି। ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ଠିକ୍ ଭାବେ ପାଳନ କରୁଛନ୍ତି କି ନାହିଁ ତାହା ମନ୍ଦିର କର୍ତ୍ତୃପକ୍ଷ ତଦାରଖ କରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ମୁକ୍ତାକାଶରୁ ୩ କଏଦୀ ଖଲାସ

ବାରଙ୍ଗ, ୨୫।୨(ଡି.ଏନ୍.ଏ.)

ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ଶୁକ୍ରବାର ଆଜୀବନ ବନ୍ଦୀ ଜୀବନଯାପନ କରୁଥିବା ୩ କଏଦୀଙ୍କୁ ଖଲାସ କରାଯାଇଛି। ସେମାନେ ହେଲେ କୋରାପୁଟ ସର୍କଲ ଜେଲ୍‌ରୁ ଏଠାକୁ ୨୦୧୮ରେ ଆସିଥିବା କାଶୀନାଥ କୁଳଦୀପ ଓ ସାହେବ ମୁଦୁଲି, ମୟୂରଭଞ୍ଜ ସର୍କଲ ଜେଲରୁ ସେହିବର୍ଷ ଆସିଥିବା ଲଡୁ ଚପିଆରଙ୍କୁ ରାଜ୍ୟ ସରକାର ଖଲାସ କରିଛନ୍ତି। ଲଡୁ ଛୁଟିରେ ରହି ଖଲାସ ହୋଇଥିବାବେଳେ ଅନ୍ୟ ଦୁଇଜଣ କାରାଶ୍ରମରେ ରହି ଖଲାସ ହୋଇଛନ୍ତି। କରୋନା ଯୋଗୁ ୨୬ କଏଦୀ ଲମ୍ବାଛୁଟିରେ ଯାଇଥିବାବେଳେ ଏବେ ୨୦ଜଣ କଏଦୀ କାରାଶ୍ରମରେ ରହିଥିବା ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ବିଜ୍ଞାନ, ସାହିତ୍ୟକୁ ଗୋକୁଳାନନ୍ଦଙ୍କ ଅବଦାନ ସ୍ମରଣିକାରେ ସ୍ଥାନିତ କରାଯିବ



ବୈଠକରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।

କଟକ ଅଫିସ, ୨୫।୨

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଜନ୍ମ ଶତବାର୍ଷିକୀ ସ୍ମରଣିକା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସିଡିଏ ସେକ୍ଟର-୬ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏକ ସ୍ମରଣିକା ପ୍ରକାଶ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସ୍ମରଣିକାରେ ଲୋକପ୍ରିୟ ବିଜ୍ଞାନ, ସାହିତ୍ୟକୁ ଗୋକୁଳାନନ୍ଦଙ୍କ ଅବଦାନ, ତାଙ୍କ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନ ତଥା ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭୂମିକା ଆଧାରିତ ଲେଖା ସ୍ଥାନିତ କରାଯିବ। ଏଣୁ ଗୋକୁଳାନନ୍ଦଙ୍କ ସଂସ୍ପର୍ଶରେ ଆସିଥିବା ବିଦ୍ୱାନ୍ ଓ ବ୍ୟକ୍ତିବିଶେଷ ସେମାନଙ୍କ ପାଖରେ ଥିବା ଗୋକୁଳାନନ୍ଦଙ୍କ ପ୍ରକାଶିତ ଲେଖା ଏବଂ ଫଟୋ ସ୍ମରଣିକା କମିଟିର ମୁଖ୍ୟ ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ ବି/୩, ଏଚ୍‌ଆଇଜି କଲୋନୀ, ବରମୁଣ୍ଡା ହାଉସିଂ କଲୋନୀ, ଭୁବନେଶ୍ୱର କିମ୍ବା ଇମେଲ୍ crmishra49@yahoo.inରେ ପଠାଇବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଡ. ମିଶ୍ର କହିଛନ୍ତି, ଆସନ୍ତା ମେ’ ୨୪ ତାରିଖ ଗୋକୁଳାନନ୍ଦଙ୍କ ଜନ୍ମ ଶତବାର୍ଷିକୀ। ଏନେଇ ୨୦୨୨ ମେ’ ୨୪ରୁ ୨୦୨୩ ମେ’ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିସହ ଏକ ବିଶ୍ୱସ୍ତରୀୟ ସ୍ମରଣିକା କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଉକ୍ତ ବୈଠକରେ ସ୍ମରଣିକା ସମ୍ପାଦନା ମଣ୍ଡଳୀର ସଦସ୍ୟ ଡ. ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଡା. ନିତ୍ୟାନନ୍ଦ ସ୍ୱାଇଁ, ସଞ୍ଜିତ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଚୋରା ଗାଡ଼ି କାଟି ଯନ୍ତ୍ରାଂଶ ବିକୁଥିଲେ

**୫ଲକ୍ଷ ୪୦ ହଜାର ଟଙ୍କା, ଗାଡି ଯନ୍ତ୍ରାଂଶ ଜବତ: ୫ ଗିରଫ**

କଟକ ଅଫିସ,୨୫।୨

ଚୋରା ଗାଡି କାଟି ଯନ୍ତ୍ରାଂଶ ବିକ୍ରି କରୁଥିବା ଏକ ଗ୍ୟାଙ୍ଗକୁ ଚାଉଳିଆଗଞ୍ଜ ପୋଲିସ ଧରିବା ସହ ୫ଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ମୁକ୍ତାପାଶିର ସୁନୀଲ କୁମାର ପରିଡା, ବାହାପୁର ନୂଆସାହିର ଗୌରାଙ୍ଗ ସାହୁ(୪୫), ବାବୁଖାନ୍(୩୨), ଅନୁଗୋଳ ଜିଲା ଜଙ୍ଗଲ ଜାମୁଡାର ପ୍ରତାପ ପ୍ରଧାନ (୩୨) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାରର ରାଜୁ ଓରଫ ରାଜେନ୍ଦ୍ର କୁମାର ନାୟକ(୩୭)। ସେମାନଙ୍କଠାରୁ ୫ଲକ୍ଷ ୪୦ହଜାର ଟଙ୍କା ସହ ଟ୍ରକ କାଟିବା ଯନ୍ତ୍ରାଂଶ, ଦୁଇଟି ଚୋରି ଟ୍ରକ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଟାଙ୍ଗୀ, ଚାଉଳିଆଗଞ୍ଜ, ଢେଙ୍କାନାଳ, ବଅଁରପାଳ ଆଦି ଥାନାରେ ୬ଟି ମାମଲା ରହିଥିବା କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତପୁର ଗ୍ରାମର ସଦେଇ ସାହାଣୀଙ୍କ ଏକ ଟ୍ରକ(ନଂ.ଓଆର୦୪ଏଚ୍-୫୪୬୮) ଗତ ୧୬ ତାରିଖ ବିଳମ୍ବିତ ରାତିରେ ବିଦ୍ୟାଧରପୁର ନିକଟରୁ ଚୋରି ହୋଇଥିଲା। ଅଭିଯୋଗ ପରେ ଚାଉଳିଆଗଞ୍ଜ ପୋଲିସ ଏକ ମାମଲା(ନଂ.୫୨/୨୨) ରୁଜୁ କରିଥିଲା। ତଦନ୍ତ ସମୟରେ ପୋଲିସ ସାଇ ମନ୍ଦିର ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇଥିଲା। ସେମାନେ ଚୋରା ଗାଡ଼ିକୁ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକସ୍ଥିତ ରାଜୁ ଗ୍ୟାରେଜକୁ ଆଣି ଖଣ୍ଡ ଖଣ୍ଡ କାଟି ବିକ୍ରି କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରୁଥିବା ଦୃଷ୍ଟିହୀନଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ ଘଟଣାରେ ନ୍ୟାୟ ଦାବି କରି ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ଶୁକ୍ରବାର କ୍ୟାପିଟାଲ ଥାନା ସମ୍ମୁଖରେ ବିକ୍ଷୋଭ।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ କଳିଙ୍ଗ ଭାରତୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ଶୁକ୍ରବାର ଅନୁଷ୍ଠିତ କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ସ୍ମୃତି ସଭାରେ ଅତିଥିମାନେ ‘କନ୍ୟାକୁମାରୀ’ ଓ ‘ଶିମିଳିପାଳରେ ଶିବପାର୍ବତୀ’କୁ ଉନ୍ମୋଚନ କରୁଛନ୍ତି।



ଖୋର୍ଦ୍ଧା ସହରରେ ପଶି ଶୁକ୍ରବାର ବ୍ୟାପକ ଭଙ୍ଗାରୁଜା କରିବା ସହ ଆତଙ୍କ ଖେଳାଉଥିବା ଏକ ହାତୀ।




୨୫।୨।୨୦୨୨

| | |
|---|---|
| ୮,୭୩,୧୧୩ ଟଙ୍କା | |
| ସୁନା | ୧୩.୧୮୦ ଗ୍ରାମ |
| ରୁପା | ୫୦.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପକ୍ଷରୁ ଟେରାକୋଟା କ୍ୟାମ୍ପ ଆରମ୍ଭ, କ୍ୟାମ୍ପସ ପରିସର, ଧଉଳି, ପୂର୍ବାହ୍ନ ୧୦ଟା।
- ରୁଚି ପକ୍ଷରୁ ଫେଷ୍ଟିଭାଲ ବୋନାଞ୍ଜା ଅଫର, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାଧାରଣ ଅଧିବେଶନ ଓ କବିତା ପାଠୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ ସମର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ମାର୍ଚ୍ଚ ୨୧ରେ ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର, ୨୫।୨ (ବ୍ୟୁରୋ):** ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ମାର୍ଚ୍ଚ ୨୧ ଓ ୨୨ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବ। ସମ୍ମିଳନୀରେ ୩୦ ଜିଲାରୁ ୩୦୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ପେନଶନର୍ସ ଆସୋସିଏଶନର ସର୍ବ ଭାରତୀୟ ଉପ ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ମାୟାଧର ମଲ୍ଲିକ, କୃଷ୍ଣ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ର ମହାନ୍ତି, ସରୋଜ କାନ୍ତ ମଲ୍ଲିକ, ରବୀନ୍ଦ୍ର କୁମାର ପରିଡା, ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ମେନ୍ କେନାଲରେ କୁମ୍ଭୀର

**ବାରଙ୍ଗ,୨୫।୨(ଡି.ଏନ୍.ଏ.):** ବାରଙ୍ଗ-ପୁରୀ ମେନ୍ କେନାଲରେ ବୁଲୁଛି କୁମ୍ଭୀର। ଶୁକ୍ରବାର ଅପରାହ୍ନରେ କେତେଜଣ ଯୁବକ ବାରଙ୍ଗ ବ୍ଲକ ନିକଟ ହନୁମାନ ବାଟିକା ପାଖ ପୁରୀ ମେନ୍ କେନାଲକୁ ଯାଇଥିଲେ। ପାଣିରେ ପଶିଥିବାବେଳେ ଏକ କୁମ୍ଭୀରଟି ପାଖକୁ ଆସୁଥିବା ଦେଖି ଭୟରେ ପଳାଇଆସିଥିଲେ। ଖବର ପ୍ରଚାରିତ ହେବାପରେ ସେଠାରେ ଦେଖଣାହାରିଙ୍କ ଭିଡ଼ ଜମିଥିଲା। ଏହାକୁ ନେଇ କେନାଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### 'ଦି ଆଇଡେଣ୍ଟିଟି ଅଫ୍ ଓଡ଼ିଶା' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୫।୨(ବ୍ୟୁରୋ):** ଡ. ଶୁଭ୍ରାଂଶୁ ପଟ୍ଟନାୟକଙ୍କ ଦ୍ୱାରା ରଚିତ ପୁସ୍ତକ 'ଦି ଆଇଡେଣ୍ଟିଟି ଅଫ୍ ଓଡ଼ିଶା (୧୯୦୦-୫୬)'କୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ଓଡ଼ିଶାର ଆର୍ଥିକ, ଶିକ୍ଷା, ସଂସ୍କାର ଓ ସଂଗ୍ରାମୀଙ୍କ ବିଷୟରେ ତଥ୍ୟଭିତ୍ତିକ ବର୍ଣ୍ଣନା କରାଯାଇଛି। ଏହି ଅବସରରେ ବରଗଡ଼ରୁ ପ୍ରକାଶିତ ପାକ୍ଷିକ ପତ୍ରିକା 'କୋଶଳ ଟାଇମ'ର ସମ୍ପାଦକ ସଞ୍ଜୀବ ମହାପାତ୍ର ଓ ଅଧାପିକା ଅନୁସ୍ମିତା ରାୟ ଉପସ୍ଥିତ ଥିଲେ।

# ଏନ୍‌ଆର୍‌ଆର୍‌ଆଇରେ ଶ୍ରମିକ ଅଶାନ୍ତି

**କଟକ ଅଫିସ,୨୫।୨**

କଟକ ଜିଲା ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ରେ ଶୁକ୍ରବାର ଠିକା ଶ୍ରମିକ ଅଶାନ୍ତି ଦେଖାଦେଇଛି। ବିଭିନ୍ନ ଦାବି ନେଇ ସେମାନେ ପ୍ରତିଷ୍ଠାନର ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାର ଶ୍ରମିକମାନଙ୍କ ପାଇଁ କରିଥିବା ନୀତି, ନିୟମକୁ ଏନ୍‌ଆର୍‌ଆର୍‌ଆଇ କର୍ତ୍ତୃପକ୍ଷ ମାନୁନାହାନ୍ତି । ଶ୍ରମିକମାନଙ୍କୁ ନିୟମିତ ଭାବେ ପାରିଶ୍ରମିକ ମିଳୁ ନ ଥିବାବେଳେ ପ୍ରୋଭିଡେଣ୍ଟ ଫଣ୍ଡ୍ ଜମା କରାଯାଉନାହିଁ। ଉକ୍ତ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଠିକା ସଂସ୍ଥା ମାଧ୍ୟମରେ ଶ୍ରମିକମାନଙ୍କୁ ଆଣି କାର୍ଯ୍ୟରେ ଲଗାଉଛନ୍ତି। ଏପରି କି ବାରମ୍ବାର ଠିକାଦାର ପରିବର୍ତ୍ତନ ଯୋଗୁ ଶ୍ରମିକମାନେ ନ୍ୟାଯ୍ୟ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। କରୋନା ମହାମାରୀ ସମୟରେ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା କ୍ଷେତ୍ରରେ ବହୁ ଅନିୟମିତତା ହୋଇଛି। ଠିକା ସଂସ୍ଥା ଶ୍ରମିକମାନଙ୍କୁ ଶୋଷଣ କରୁଛନ୍ତି । ନିୟମିତ ପାରିଶ୍ରମିକ, ପ୍ରୋଭିଡେଣ୍ଟ ଫଣ୍ଡ ଜମା, ଇଏସ୍‌ଆଇର ସମସ୍ତ ସୁବିଧା ଯୋଗାଇଦେବା ଦାବିରେ ଶ୍ରମିକମାନେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଏନ୍‌ଆର୍‌ଆର୍‌ଆଇ ଠିକା ଶ୍ରମିକ ସଂଘର ଉପସଭାପତି କିଶୋର ଭୋଇ କହିଛନ୍ତି, ୨୫୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଏଠାରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ପ୍ରାୟ ୩୦ ବର୍ଷ ହେବ ଠିକା ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଶ୍ରମିକମାନଙ୍କୁ ପ୍ରତିଦିନ କାମ ମଧ୍ୟ ଦିଆଯାଉନାହିଁ। ମାସକୁ ୫ରୁ ୭ ଦିନ କାର୍ଯ୍ୟ ଦିଆଯାଉଛି। ଶ୍ରମିକମାନେ ଠିକାଦାରଙ୍କ ନିକଟରେ ଯେଉଁ କାର୍ଯ୍ୟ କରିଛନ୍ତି ତାହାର ପାରିଶ୍ରମିକ ମଧ୍ୟ ଦିଆଯାଉନାହିଁ । ସେହିପରି ଯୁଗ୍ମ ସମ୍ପାଦକ ମମତା ଭୋଇ କହିଛନ୍ତି, ଉକ୍ତ ପ୍ରତିଷ୍ଠାନରେ ଆମ ଅସୁବିଧା ସମ୍ପର୍କରେ ଶୁଣିବା ପାଇଁ କେହି ନାହାନ୍ତି। ଏହି ପ୍ରତିଷ୍ଠାନ ଜମିରେ ପକା ଯାଉଥିବା ବିଷାକ୍ତ ଔଷଧ ଯୋଗୁ ଶ୍ରମିକଙ୍କୁ ଚର୍ମ କର୍କଟ ଭଳି ରୋଗ ହେଉଛି। ଏହି ରୋଗରେ ଆକ୍ରାନ୍ତ ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ପ୍ରତିଷ୍ଠାନର କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ଅପରପକ୍ଷେ ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶିକା ପଦ୍ମିନୀ ସ୍ୱାଇଁ କହିଛନ୍ତି, ମୋତେ ଶ୍ରମିକମାନେ ସମସ୍ୟା ବିଷୟରେ ଜଣାଇ ନାହାନ୍ତି। କୌଣସି ସୂତ୍ରରୁ ଏ ବିଷୟରେ ଜାଣିବାକୁ ପାଇଲି। ଠିକା ଶ୍ରମିକ ସଂଘର ଉପ ସଭାପତି କିଶୋର ଓ କଣ୍ଟ୍ରାକ୍ଟରମାନଙ୍କୁ ଶନିବାର ଆଲୋଚନା ପାଇଁ ଡକାଇଛି। ତେବେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଏନ୍‌ଆର୍‌ଆଇ ଫାଟକ ସମ୍ମୁଖରେ ଠିକା ଶ୍ରମିକମାନେ ଧାରଣାରେ ବସିଛନ୍ତି।

### ବିଭିନ୍ନ ଦାବି ନେଇ ଫାଟକ ସମ୍ମୁଖରେ ଧାରଣା

# ଉଚ୍ଛେଦ ହେଲା ଏମାର ମଠ



**ପୁରୀ ଅଫିସ, ୨୫।୨**

ବହୁଚର୍ଚ୍ଚିତ ତଥା ପୁରୀର ସବୁଠୁ ବିତ୍ତଶାଳୀ ମଠ ଭାବେ ପରିଚିତ ଏମାର ମଠର ଉଚ୍ଛେଦ ପୁଣି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଶୁକ୍ରବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଠର ଅବଶିଷ୍ଟ ପୁରୁଣା ଓ ଦୁର୍ବଳ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଦୁଇଜଣ ମାଜିଷ୍ଟ୍ରେଟ ଏବଂ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଦୁଇଟି ବୁଲଡୋଜର ସହାୟତାରେ ଏହି ଉଚ୍ଛେଦ କରାଯାଇଥିଲା। ଯେପରି ଭକ୍ତଙ୍କର କୌଣସି ପ୍ରକାର ଅସୁବିଧା ନ ହେବ ସେଥିଲାଗି ପ୍ରଶାସନ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଥିଲା। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ମଠର ଆସ୍ଥାନ ଓ ଗାଦିକୁ ଛାଡ଼ି ସମସ୍ତ ଅସୁରକ୍ଷିତ ତଥା ବିପଦସଙ୍କୁଳ କୋଠାଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୧ରେ ଏମାର ମଠରୁ ୫୨୨ ଖଣ୍ଡ ରୁପାଇଟା ଜବତ ହୋଇଥିଲା। ସେହିପରି ଗତବର୍ଷ ଏପ୍ରିଲରେ ଆଉ ୪୫ଖଣ୍ଡ ରୁପାଇଟା ମିଳିଥିଲା। ଏହି ମଠରେ ସୁନା, ରୁପା ଭଳି ବହୁ ଗୁପ୍ତଧନ ଥିବା ନେଇ ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ମଠର କିଛି ଅଂଶକୁ ଭଙ୍ଗାଯାଇଥିଲେ ମଧ୍ୟ ଗୁପ୍ତଧନ ଥିବା ସନ୍ଦେହରେ ଅନେକ ଅଂଶ ଛାଡ଼ିଦିଆଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୬ରେ ମଠ ପରିସରର କିଛି ଅଂଶକୁ ଚିହ୍ନଟ କରାଯାଇଥିଲା। ଗୁପ୍ତଧନ ଥିବା ସନ୍ଦେହରେ ଗତ ୨ତାରିଖରେ ବୈଷୟିକ ଟିମ୍ ସହାୟତାରେ ଉକ୍ତ ସ୍ଥାନଗୁଡ଼ିକୁ ଖନନ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପଜିଲାପାଳ, ମଠ ପରିଚାଳନା କମିଟି ଏବଂ ଟ୍ରଷ୍ଟ ସଦସ୍ୟଙ୍କ ଉପସ୍ଥିତିରେ ତିନୋଟି ସ୍ଥାନ ଖନନ କରାଯିବା ସତ୍ତ୍ୱେ ଲୁହାକଣ୍ଟା ଓ ଲୁହାମୁଣ୍ଡା ବ୍ୟତୀତ କିଛି ମିଳି ନ ଥିଲା। ଏବେ ଆଉ କୌଣସି ଗୁପ୍ତଧନ ମିଳିବାର ସମ୍ଭାବନା ନ ଥିବାରୁ ମଠର ଅବଶିଷ୍ଟ ଅଂଶକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ପ୍ରାୟ ସରିଛି। ଆଉ ଅଳ୍ପ କିଛି ଜମି ଅଧିଗ୍ରହଣ ପାଇଁ ବାକିଅଛି। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟ ଚାଲିଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ କାର୍ଯ୍ୟ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

### ଭଙ୍ଗାଗଲା ଅବଶିଷ୍ଟ ପୁରୁଣା ଓ ଦୁର୍ବଳ କୋଠା

# ନୂଆ ରୂପରେ ଶୋଭାପାଇବ ମାଙ୍କଡ଼ ଏନ୍‌କ୍ଲୋଜର

**ବାରଙ୍ଗ, ୨୫।୨(ଡି.ଏନ୍.ଏ.)**

ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିବର୍ଷ ନୂଆ ନୂଆ ଭେଟି ଦେଇଥାନ୍ତି । ଏଥର ମାଙ୍କଡ଼ ଏନ୍‌କ୍ଲୋଜରର ନବୀକରଣ କରି ଭେଟିଦେବାକୁ ଯାଉଛନ୍ତି। ନୂଆ ରୂପରେ ଶୋଭାପାଇବ ମାଙ୍କଡ଼ ଏନ୍‌କ୍ଲୋଜର। ଏଥିପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି। ଦେଢ଼କୋଟି ଟଙ୍କା ବ୍ୟୟ ବରାଦରେ ଏହାକୁ ନିର୍ମାଣ କରାଯିବା ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବାରୁ ଶୁକ୍ରବାରଠାରୁ ଏହି ଏନ୍‌କ୍ଲୋଜରକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଫଳରେ ଏହି ଏନ୍‌କ୍ଲୋଜରରେ ରହୁଥିବା ମାଙ୍କଡ଼ ପ୍ରଜାତିର ଜୀବଜନ୍ତୁଙ୍କୁ ଦେଖିବାରୁ ପର୍ଯ୍ୟଟକମାନେ କିଛିଦିନ ବଞ୍ଚିତ ହେବେ। ସେଲ୍ ନଂ. ୭ ଓ ୮ରେ ବବୁନ ମାଙ୍କଡ଼ ଜଗା ଓ ସାବି ରହୁଥିଲେ। ସେଲ୍ ନଂ.୧୦ରେ ୬ଟି ବନେଟ ମାଙ୍କଡ଼, ସେଲ ନଂ.୧୭ବିରେ ୨ଟି ବନେଟ ମାଙ୍କଡ଼, ସେଲ୍ ନଂ.୧୪ରେ ୩ଟି ଓ ସେଲ ନଂ. ୧୭ରେ ୫ଟି ଅସାମାଜିକ ମାଙ୍କଡ଼ ରହୁଥିଲେ। ଏହି ୬ଟି ଏନ୍‌କ୍ଲୋଜରର ନବୀକରଣ ପାଇଁ ଏହାକୁ ଭଙ୍ଗାଯାଉଥିବାରୁ ଏଥିରେ ରହିଥିବା ୧୮ଟି ଜୀବଜନ୍ତୁଙ୍କୁ କ୍ୱାରାଣ୍ଟାଇନକୁ ସ୍ଥାନାନ୍ତର କରାଯାଇଥିବାରୁ ପର୍ଯ୍ୟଟକଙ୍କ ଆଢୁଆଳରେ ରହିବେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପ୍ତିମୟୀ


@ ନରୋତ୍ତମ


@ ସୌମ୍ୟ


@ ତାପସ


@ ସୁନାକର


@ ଟିଙ୍କୁ

# ଭୁବନେଶ୍ୱରରେ ପେଶୱାରି ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**



ଦେଶର ପ୍ରମୁଖ ହୋଟେଲ ଶିଳ୍ପ ଆଇଟିସିର ଭୁବନେଶ୍ୱର ୱେଲ୍‌କମ୍ ହୋଟେଲ ପରିସରରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଏହାର ପେଶୱାରି ରେଷ୍ଟୁରାଣ୍ଟର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ଆଇଟିସିର ଉଚ୍ଚ କର୍ତ୍ତୃପକ୍ଷ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବର୍ତ୍ତମାନ ଓଡ଼ିଶାବାସୀ ଏଠାରୁ ତନ୍ଦୁରି ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ସର୍ବଭାରତୀୟ ସ୍ତରର ଖ୍ୟାତନାମା ଡାଲ ବୁଖାରା ସହ ଶାକାହାରୀ ଏବଂ ଅଣ ଶାକାହାରୀ କବାବ ସହିତ ମାଟିଚୁଲିରେ ହୋଇଥିବା ରୁଟିରେ ଆନନ୍ଦ ନେଇପାରିବେ। ପେଶୱାରି ହେଉଛି ଆଇଟିସି ହୋଟେଲର ପୁରସ୍କାରପ୍ରାପ୍ତ ୟୁନିଟ୍। ମାଟି ଓଭାନ ବା ତନ୍ଦୁରରେ ଦେଶର ଉତ୍ତର ପଶ୍ଚିମ ଅଞ୍ଚଳର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଏଠାରେ ଉପଲବ୍ଧ ହେବ। ପେଶୱାରି ପ୍ରତ୍ୟେକ ଭୋଜନକୁ ଏକ ସ୍ମରଣୀୟ ଉତ୍ସବରେ ପରିଣତ କରିବାକୁ ଚେଷ୍ଟା କରିବ। ଏହି ପ୍ରସିଦ୍ଧ ଡାଲ ବୁଖାରା ମେନୁ ମଧ୍ୟରେ ପୂରା କଳା ମସୁର ଡାଲି (ଉରାଡ ଡାଲ), ଟମାଟୋ, ଅଦା ଏବଂ ରସୁଣର ମିଶ୍ରଣ ରହିଛି। ଏ ସମ୍ପର୍କରେ ୱେଲ୍‌କମ ହୋଟେଲ ଭୁବନେଶ୍ୱରର ଜିଏମ୍ ସମୀର ଘୋଷ କହିଛନ୍ତି, ପେଶୱାରି ରୋଷେଇ ବିଶେଷକରି ଉତ୍ତର-ପଶ୍ଚିମ ସୀମାନ୍ତ ପରମ୍ପରାର ମୂଳଦୁଆ। ଏହାର ସାଜସଜ୍ଜା ଓ ସୌନ୍ଦର୍ଯ୍ୟକରଣ ବେଶ୍ ଆକର୍ଷଣୀୟ। ଏଠାରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ପ୍ରତି ଆଇଟିସି ହୋଟେଲ ପ୍ରତିବଦ୍ଧତାକୁ ମେଡିକାଲ ପେସାଦାର ଏବଂ ବିଶେଷଜ୍ଞଙ୍କ ସହଯୋଗରେ ଡିଜାଇନ କରାଯାଇଛି। ସେହିଭଳି ଅନ୍ୟ ରେଷ୍ଟୁରାଣ୍ଟ ତୁଳନାରେ ଏହାର ରୋଷେଇକୁ ଉପଭୋଗ କରିବା ପାଇଁ ଅତିଥିଙ୍କୁ ଏକ ଚେକ୍ ଆପ୍ରୋନ ମଧ୍ୟ ପ୍ରଦାନ କରାଯାଇଥାଏ। ଏହାର ଟେବୁଲ ରିଜର୍ଭେଶନ ଏବଂ ଅଧିକ ସୂଚନା ପାଇଁ ଅତିଥିମାନେ ୬୭୪୭୧୪୭୧୪୦ କୁ କଲ୍ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଯୁଦ୍ଧ ବନ୍ଦ ସହ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ବିରତି ଘଟାଇ ଶାନ୍ତି ପ୍ରତିଷ୍ଠା ପାଇଁ ବିକ୍ଷୋଭ ମାଧ୍ୟମରେ ବାର୍ତ୍ତା ଦେଇଛି ସିପିଆଇ (ଏମ୍‌ଏଲ୍) ଲିବରେଶନ। ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଲିବେରଶନର କାର୍ଯ୍ୟକର୍ତ୍ତା ଓ କର୍ମୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟୁକ୍ରେନରୁ ସୈନ୍ୟ ପ୍ରତ୍ୟାହାର କରିବା, ନାଟୋ ଗୋଷ୍ଠୀ ତା'ର ବିସ୍ତାରବାଦୀ ନୀତି ପରିହାର କରିବା ସହ ରୁଷିଆ ଯୁଦ୍ଧ ବନ୍ଦ କରି କୂଟନୈତିକ ଆଲୋଚନା ଜରିଆରେ ସମସ୍ୟାର ସମାଧାନ କରିବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ପୂର୍ବତନ ବିଧାୟକ ତଥା ଦଳର କେନ୍ଦ୍ରୀୟ କମିଟି ସଦସ୍ୟ ରାଧାକାନ୍ତ ସେଠୀ କହିଛନ୍ତି, ବିଶ୍ୱ କରୋନା ସଙ୍କଟ ଦେଇ ଗତି କରୁଥିବାବେଳେ ରୁଷିଆ ଓ ୟୁକ୍ରେନ୍‌ର ଯୁଦ୍ଧ ବିଭୀଷିକା ଆହୁରି ସଙ୍କଟ ସୃଷ୍ଟି କରିବ। ଦଳର ନେତା ମହେନ୍ଦ୍ର ପରିଡ଼ା, ଜାନକୀ ରାଓ, ବଂଶୀଧର ପରିଡ଼ା ପ୍ରମୁଖ ଯୋଗଦେଇ ଯୁଦ୍ଧ ବିକଳ୍ପ ନୁହେଁ ବୋଲି କହିଥିଲେ।


ଡ. ଶୁଭ୍ରାଂଶୁ ପଟ୍ଟନାୟକଙ୍କ ପୁସ୍ତକ 'ଦି ଆଇଡେଣ୍ଟିଟି ଅଫ୍ ଓଡ଼ିଶା' କୁ ଶୁକ୍ରବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସୁଫିଆନା ଓ ଭକ୍ତି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ସମର୍ପଣ'ର ଶୁକ୍ରବାର ସନ୍ଧ୍ୟାରେ ରାଜସ୍ଥାନର କଣ୍ଠଶିଳ୍ପୀ ସୁଫି ସଙ୍ଗୀତ ପରିବେଷଣ କରୁଛନ୍ତି।



ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ବିରୋଧ କରି ସିପିଆଇ(ଏମ୍‌ଏଲ୍) ଲିବରେଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ମାଧ୍ୟମରେ ଶାନ୍ତି କାମନା କରାଯାଉଛି।

## ପବିତ୍ର ପ୍ରାଚୀ ନଦୀ ପରିକ୍ରମା

କାକଟପୁର,(ଡି.ଏନ୍.ଏ): ଅନ୍ତର୍ବେଦୀ ମଠ ପାଖ ଶ୍ରୀକପିଳଦେବ ମନ୍ଦିରଠାରୁ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜା ଏବଂ ବହୁ ସାଧୁସନ୍ଥ ଗତ ୨୧ତାରିଖରୁ ପ୍ରାଚୀ ପରିକ୍ରମା ଆରମ୍ଭ କରିଛନ୍ତି। ସେମାନେ ପ୍ରାଚୀ ନଦୀ ଉତ୍ତରପାର୍ଶ୍ୱ ହୋଇ କେଲୁଣୀ ମୁହାଣ ଦେଇ ନଦୀ ଦକ୍ଷିଣପାର୍ଶ୍ୱ ବାଲିସାହିଠାରେ ଶୁକ୍ରବାର ପହଞ୍ଚିଥିଲେ। ଉଲ୍ଲାସ ପଟ୍ଟନାୟକଙ୍କ ନେତୃତ୍ୱରେ ଅମିୟ କୁମାର ନାୟକ, ବିଭୂତି ଭୂଷଣ ସାହୁ, ସୁକାନ୍ତ ବେହେରା, ସତ୍ୟବାଦୀ ସାହୁ, କମଳ କୁମାର ଦାଶଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ହରିବୋଲ ହୁଳହୁଳି ପକାଇ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକଙ୍କ ସହଯୋଗରେ ପ୍ରସାଦ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥିଲା। ଆସନ୍ତା ୨୭ତାରିଖ ପଙ୍କୋଦ୍ଧାର ଏକାଦଶୀ ଦିନ ଶ୍ରୀକପିଳଦେବ ମନ୍ଦିର ନିକଟ ପ୍ରାଚୀଘାଟରେ ପଦଯାତ୍ରା ଉଦ୍‌ଯାପନ ହେବ ବୋଲି ଜଣାପଡ଼ିଛି।

# ଭୋଟ ଗଣତି ପାଇଁ କଡ଼ା ସୁରକ୍ଷା

**ପୁରୀ ଅଫିସ, ୨୫।୨:**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳ ନିମନ୍ତେ ଶନିବାରଠାରୁ ଭୋଟ ଗଣତି ଆରମ୍ଭ ହେବ। ଏହା ୩ଦିନ ଧରି ଅର୍ଥାତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ପୁରୀ ଜିଲାର ଜିଲାପରିଷଦ ଜୋନ୍ ନଂ. ୧, ୩, ୬, ୯, ୧୧, ୧୫, ୧୮, ୨୨, ୨୫, ୨୮ ଏବଂ ୩୧ରେ ଭୋଟ ଗଣତି କରାଯିବ। ଆସନ୍ତା ୨୭ତାରିଖରେ ଜୋନ୍ ନଂ. ୨, ୪, ୭, ୧୦, ୧୨, ୧୬, ୧୯, ୨୩, ୨୬, ୨୯ ଓ ୩୨ର ଏବଂ ୨୮ ତାରିଖରେ ଜୋନ୍ ନଂ. ୫, ୮, ୧୩, ୧୪, ୧୭, ୨୦, ୨୧, ୨୪, ୨୭, ୩୦ ଏବଂ ୩୩ର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ସମ୍ପୃକ୍ତ ଜୋନ୍ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନଙ୍କ ଭୋଟ ଗଣାଯାଇ ଫଳ ପ୍ରକାଶ ପାଇବ। ପୁରୀ ଜିଲାର ୨୬୮ଟି ଗ୍ରାମପଞ୍ଚାୟତର ୭୩୪୪ ଜଣ ୱାର୍ଡମେମ୍ବର, ୯୪୫ ଜଣ ସରପଞ୍ଚ, ୮୧୮ ଜଣ ସମିତି ସଭ୍ୟ ଏବଂ ୩୩ଟି ଜିଲାପରିଷଦ ଜୋନ୍‌ର ୧୫୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ସକାଳ ୮ଟାରୁ ଭୋଟ ଗଣନା ପ୍ରକ୍ରିୟା ଆରମ୍ଭ କରାଯିବ। ଗଣତି ଲାଗି ସଂପୃକ୍ତ ବ୍ଲକ କାର୍ଯ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ସହ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗତ ୧୬ ତାରିଖରୁ ୫ ପର୍ଯ୍ୟାୟରେ ନିର୍ବାଚନ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସମସ୍ତ ୧୧ଟି ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଗୋପ ଏବଂ ନିମାପଡା ବ୍ଲକ୍‌ରେ ୪ଟି ଲେଖାଏ ଜିଲା ପରିଷଦ ଜୋନ ରହିଛି। ତେଣୁ ଶେଷ ଦିନରେ ଉକ୍ତ ବ୍ଲକ୍‌ର ଦୁଇଟି ଲେଖାଏ ଜିଲାପରିଷଦ ଜୋନ୍‌ର ଭୋଟ ଗଣତି ହେବ। ଜିଲା ପରିଷଦ ଅଧୀନରେ ଯେତିକି ଗ୍ରାମପଞ୍ଚାୟତ ଥିବ ସେହି ସଂଖ୍ୟା ଅନୁଯାୟୀ ସେତିକି କାଉଣ୍ଟର ଟେବୁଲ ରହିବ। ସମସ୍ତଙ୍କୁ ଭୋଟ ଗଣତି କେନ୍ଦ୍ରକୁ ଛଡ଼ାଯିବ ନାହିଁ। ଯେଉଁ ଏଜେଣ୍ଟଙ୍କ ନିକଟରେ ପ୍ରାଧିକୃତ ପ୍ରମାଣପତ୍ର ଥିବ କେବଳ ସେମାନଙ୍କୁ ଛଡ଼ାଯିବ। ସେହିପରି ଯେଉଁ ବୁଥର ଭୋଟ ଗଣତି ସରିବ ସେମାନେ ଗଣତି କେନ୍ଦ୍ରରୁ ବାହାରକୁ ଆସିବେ। ପରେ ଅନ୍ୟ ଯେଉଁ ୱାର୍ଡର ଭୋଟ ଗଣତି ହେବାକୁ ଥିବ ସେହି ବୁଥ୍‌ର ଏଜେଣ୍ଟ ମାନେ ଗଣତି କେନ୍ଦ୍ର ପରିସରକୁ ଯିବେ। ଅନ୍ୟ କାହାରିକୁ ଭିତରକୁ ଛଡ଼ାଯିବ ନାହିଁ। କୌଣସି ପ୍ରାର୍ଥୀ ଓ ପ୍ରତିନିଧି ସାଙ୍ଗରେ ମୋବାଇଲ ଫୋନ, ପାଣିବୋତଲ, ପାନ, ଗୁଟ୍‌ଖା, ସିଗାରେଟ, ଛୁରି ନେଇପାରିବେ ନାହିଁ।



ପୁରୀ ସରକାରୀ ଆଇଟିଆଇ କ୍ୟାମ୍ପସ୍‌ରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ଆଗରେ ପୋଲିସ ପ୍ରହରା।

## ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ କଲେ ଏସ୍‌ପି

**ଡେଲାଙ୍ଗ/ନିମାପଡ଼ା/ଅସ୍ତରଙ୍ଗ,୨୫।୨(ଡି.ଏନ.ଏ.):**

ଏସ୍‌ପି ଡ. କନୱର ବିଶାଲ ସିଂ ଶୁକ୍ରବାର ଡେଲାଙ୍ଗ ଅଞ୍ଚଳ ପରିଦର୍ଶନରେ ଆସି ଭୋଟ ବାକ୍ସ ଥିବା ଷ୍ଟ୍ରଙ୍ଗ୍‌ରୁମ୍ ତନଖି କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଟିମ୍‌କୁ ନିୟୋଜିତ କରିଛନ୍ତି। ଏହି ଟିମ୍‌ରେ ଜଣେ ଡିଏସ୍‌ପି, ୨ଜଣ ଆଇଆଇସି, ୪ଜଣ ଅଫିସର, ୨ସେକ୍ସନ ଫୋର୍ସ, ସିପାହି ୧୦ଜଣ, ହୋମଗାର୍ଡ ୨୦ଜଣ ନିୟୋଜିତ ହୋଇଥିବା ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପଟେ ଷ୍ଟ୍ରଙ୍ଗ୍‌ରୁମର ଚତୁଃପାର୍ଶ୍ୱ ୧୦୦ ମିଟର ଦୂରତା ମଧ୍ୟରେ ବାରିକେଡ୍ କରାଯାଇଛି। ପୋଲିସ ଜଗିବା ସହ ୧୦୦ ମିଟର ବାରିକେଡ୍ ବାହାରେ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ୨୪ ଘଣ୍ଟିଆ ପ୍ରହରା ଦେଉଛନ୍ତି। ସେହିଭଳି ନିମାପଡ଼ା ବ୍ଲକର ୧୮ନଂ ଜିଲା ପରିଷଦ ବଳଙ୍ଗା ଜୋନ ଏବଂ ଏହି ଜୋନ ଅଧୀନ ୮ ପଞ୍ଚାୟତର ସମସ୍ତ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ ବୋଲି ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ଅସ୍ତରଙ୍ଗ ବ୍ଲକର ଜୋନ ୧ରେ ଥିବା ୮ପଞ୍ଚାୟତ ଲାଗି ଭୋଟ ଗଣତି ହେବ ବୋଲି ବିଡିଓ ବେବିତା ମଞ୍ଜରୀ ନାୟକ କହିଛନ୍ତି।

## ସଂକ୍ଷେପରେ

### ଧାନ ଅମଳ ମେଶିନରେ ଲାଗି ଯୁବକ ମୃତ

ଡେଲାଙ୍ଗ,୨୫।୨(ଡି.ଏନ.ଏ) - ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୁଡୁପାଇଲୋ ଗ୍ରାମରେ ଶୁକ୍ରବାର ଧାନ ଅମଳ କରୁଥିବା ସମୟରେ ମେଶିନରେ ଲାଗି ହୋଇ ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ଗୁଡୁପାଇଲୋ ଗ୍ରାମର ପ୍ରଶାନ୍ତ ପ୍ରଧାନ(୩୨)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଅପରାହ୍ନରେ ଗ୍ରାମ ଦୋମୁଣିହା ଗହୀରରେ ଧାନ ଅମଳ କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ମେଶିନ ତାଙ୍କୁ ଟାଣି ନେଇଥିଲା। ମେଶିନ୍‌ରେ ପିଟି ହୋଇ ସେ ତଳେ ପଡିଯିବାରୁ ମୁଣ୍ଡରେ ଆଘାତ ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ପୁରୀ ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଥାଉକି, ପ୍ରଶାନ୍ତ ଚେନ୍ନାଇରେ କାମ କରୁଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ଗ୍ରାମକୁ ଆସିଥିଲେ। ଅନ୍ୟପଟେ ତାଙ୍କ ଭାଇ ନିର୍ବାଚନ ରଣାଙ୍ଗନରେ ୱାର୍ଡ ସଭ୍ୟରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ମନ୍ଦିର ମୂର୍ତ୍ତି ଚୋରି ତଦନ୍ତରେ ଅବହେଳା

#### ୫ରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ସାକ୍ଷୀଗୋପାଳ,୨୫।୨(ଡି.ଏନ.ଏ)- ସତ୍ୟବାଦୀ ଥାନା ନୂଆ ସୋମେଶ୍ୱରପୁରଶାସନ ସ୍ଥିତ ଶ୍ରୀଗୋପୀନାଥ ମନ୍ଦିରରୁ ୭ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାର ତଦନ୍ତରେ ଅବହେଳା ଅଭିଯୋଗ ହୋଇଛି। ଗ୍ରାମବାସୀ ବାରମ୍ବାର ଥାନାକୁ ଧାଇଁ ଧାଇଁ ନିରାଶ ହୋଇଛନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି ସୁଫଳ ମିଳିନାହିଁ। ତେଣୁ ଗ୍ରାମବାସୀ ଆସନ୍ତା ମାର୍ଚ୍ଚ ୫ ତାରିଖ ଶନିବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନୂଆସୋମେଶ୍ୱରପୁର ବନ୍ଦ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ କେବଳ ଜରୁରିକାଳୀନ ଗାଡ଼ି ଓ ସେବା ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଚଳାଚଳ ଏବଂ ସେବା ବନ୍ଦ ରହିବ। ସେହିପରି ଗ୍ରାମର ସମସ୍ତ ଦୋକାନ ଓ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି କୁହାଯାଇଛି।

### ହାଟ ଛକରୁ ବାଇକ ଚୋରି

ପିପିଲି,,୨୫।୨(ଡି.ଏନ୍.ଏ.): ଦାଣ୍ଡମୁକୁନ୍ଦପୁର ଅନ୍ତର୍ଗତ କରଣସାହିର କାହ୍ନୁଚରଣ ସେଠୀଙ୍କ ୟାମାହା (ଏଫଜେଡ୍‌ଆର୍) ବାଇକ୍ ପିପିଲି ହାଟଛକ ମୁଖ୍ୟବଜାର ଅଞ୍ଚଳରୁ ଶୁକ୍ରବାର ଚୋରି ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପୂର୍ବାହ୍ନ ୧୧ଟା ୪୫ରେ କାହ୍ନୁ ନିଜର ବାଇକ୍‌କୁ ହାଟଛକର ମୁଖ୍ୟବଜାର ଅଞ୍ଚଳରେ ରଖି ପିପିଲି ସାପ୍ତାହିକ ହାଟକୁ ପରିବା କିଣିବା ପାଇଁ ଯାଇଥିଲେ। ହାଟରୁ ଫେରିବା ପରେ ତାଙ୍କ ବାଇକ୍‌ଟିକୁ ସେ ପାଇ ନ ଥିଲେ। କେହି ତାଙ୍କ ବାଇକକୁ ଚୋରି କରି ନେଇଥିବା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୧୧ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା ଭାଜପା

### ଏନ୍‌ଏସି ନିର୍ବାଚନ ପାଇଁ ପ୍ରସ୍ତୁତି

**ନିମାପଡ଼ା,୨୫।୨(ଡି.ଏନ.ଏ.):**

ପୌର ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଶୁକ୍ରବାରଠାରୁ ରାଜନୈତିକ ସରଗରମ ଦେଖାଯାଇଛି। ଏହି ଏନ୍‌ଏସି ନିର୍ବାଚନ ପାଇଁ ଭାଜପା ପକ୍ଷରୁ ସଜବାଜ ଆରମ୍ଭ ହୋଇଥିବାବେଳେ ଏକ ପ୍ରସ୍ତୁତି ବୈଠକ ନିମାପଡ଼ା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ନେତା ଦିଲୀପ ନାୟକ ଯୋଗଦେଇ ଏନ୍‌ଏସି ନିର୍ବାଚନ ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣ ବିକାଶମୁଖୀ ଯୋଜନା, ସହରୀ ରୋଜଗାର ଯୋଜନାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ୧୧ଟି ୱାର୍ଡରେ ନିର୍ବାଚନ ପରିଚାଳନା ପାଇଁ ଯତିନ୍ଦ୍ରନାଥ ସ୍ୱାଇଁ, ଦିଲୀପ ପରିଡ଼ା, ସନ୍ତୋଷ ରଥ, ଦେବାଶିଷ ଆଚାର୍ଯ୍ୟ, ସତ୍ୟଭୂଷଣ ସ୍ୱାଇଁ, ପ୍ରଦୀପ ନାୟକ, ମାତୃକା ପ୍ରସାଦ ମିଶ୍ର, ସନ୍ତୋଷ ପରିଡ଼ା, ମାନସ ପ୍ରଧାନ, ସଚ୍ଚିଦାନନ୍ଦ ରାଉତରାୟ, ବଳରାମ ନାୟକ ପ୍ରମୁଖ ୧୧ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଏହି ବୈଠକରେ ଭାଜପା ନଗର ମଣ୍ଡଳ ସଭାପତି ଦିଲୀପ ପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ପୁରୁଣା ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

**ସାକ୍ଷୀଗୋପାଳ,୨୫।୨ (ଡି.ଏନ.ଏ)**

ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ହାଇସ୍କୁଲ ୧୯୭୧ ମାଟ୍ରିକ ବ୍ୟାଚ ସାଥୀମାନଙ୍କର ବନ୍ଧୁ ମିଳନ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିବା ସହ ସାଥୀମାନେ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବର୍ତ୍ତମାନର ଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଭେଟି ଛାତ୍ର ଜୀବନର ସ୍ମୃତି ବଖାଣିଥିଲେ। ସତ୍ୟବାଦୀ ର ମହାନ ପରମ୍ପରାକୁ ସମ୍ମାନ ଜଣାଇ, ବନ୍ଧୁ ମାନେ ନିଜନିଜ ଢଙ୍ଗରେ ସମାଜର ଗରିବ, ଅବହେଳିତ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଭିକାରୀ ସେନାପତିଙ୍କ ସଭାପତିତ୍ୱରେ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ତ୍ରିପାଠୀ, ହେମନ୍ତ ସାହୁ ପରିଚାଳନା କରିଥିଲେ।





ଚନ୍ଦ୍ରଭାଗାସ୍ଥିତ ଧର୍ମପଦ ଷ୍ଟାଡିୟମରେ ଚାଲିଥିବା ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଆନ୍ଧ୍ରର ଦଣ୍ଡୁପାଲମ ଚାମ୍ପିୟନ

### ଚନ୍ଦ୍ରଭାଗା ଭଲି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କୋଣାର୍କ,୨୫।୨(ଡି.ଏନ୍.ଏ.)**

ଚନ୍ଦ୍ରଭାଗାସ୍ଥିତ ଧର୍ମପଦ ଷ୍ଟାଡିୟମରେ ଚାଲିଥିବା ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଦଣ୍ଡୁପାଲମ୍, ଇଟାମାଟି, ନାଗପୁର, ଚନ୍ଦ୍ରଭାଗା ଓ ଖୋର୍ଦ୍ଧାରୁ ୬ଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଓଡ଼ିଶାର ଚନ୍ଦ୍ରଭାଗା ଟିମ୍‌କୁ ହରାଇ ଆନ୍ଧ୍ରପ୍ରଦେଶର ଦଣ୍ଡୁପାଲମ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ କୋଣାର୍କ ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ରଞ୍ଜିତ ରାଉତରାୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ଚନ୍ଦ୍ରଭାଗା ତେଲୁଗୁ ସାହି ଯୁବସଂଘ ପକ୍ଷରୁ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୨୦ହଜାର ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେଲୁଗୁ ସାହିର ଦିବଂଗତ ସାମାଜିକ କର୍ମୀ ପିଙ୍କି ଅପଲ ରାଜୁଙ୍କ ସ୍ମୃତିରେ ଆୟୋଜିତ ଏହି ଭଲି ଟୁର୍ଣ୍ଣାମେଣ୍ଟକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ରେଫରି ସୁଦର୍ଶନ ପଟ୍ଟନାୟକ ଏବଂ ଜାତୀୟସ୍ତରର ରେଫରି ବିଦ୍ୟୁତ୍ ଭୂଷଣ ରଥ, ଶ୍ରୀବତ୍ସ କୁମାର ନାୟକ, ତ୍ରିଲୋଚନ ଦାଶ ଓ ବଳରାମ ସାହୁ ପରିଚାଳନା କରିଥିଲେ। ତେଲୁଗୁ ସାହିର ଯୁବ ସାମାଜିକ କର୍ମୀ ବଳରାମଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ଅଂଶଗ୍ରହଣ କରିଥିଲେ।

## ରାମଚରିତ ମାନସ ଓ ମହାଯଜ୍ଞ

**କଣାସ, ୨୫।୨(ସ୍ୱ.ପ୍ର.):**

କଣାସ ଗ୍ରାମର ବାବା ଲୋକନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାରଠାରୁ ସପ୍ତଦଶ ବାର୍ଷିକ ଶ୍ରୀରାମଚରିତ ମାନସ ଓ ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହେବ। ପୁରୋଧା ଭାବେ ପଣ୍ଡିତ ପ୍ରକାଶ ଚନ୍ଦ୍ର ପ୍ରହରାଜ, ବ୍ୟାସ ଭାବେ ବିରଞ୍ଚି ଦାଶ, ପ୍ରବକ୍ତା ଭାବେ ପଣ୍ଡିତ ନାରାୟଣ ଦାଶ, ଏବଂ ଗୁରୁପ୍ରସାଦ ମହାପାତ୍ର ଯୋଗଦେବେ।

## ବୋମାମାଡ଼ ଘଟଣା: ୨୧ ମହିଳା ଗିରଫ

### ପୁରୁଷଶୂନ୍ୟ ଦଣ୍ଡୁଆସିପଡ଼ା ଗ୍ରାମ

**ବ୍ରହ୍ମଗିରି,୨୫।୨(ଡି.ଏନ୍.ଏ.) :**

ରାଜନୈତିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମରେ ଗୁରୁବାର ଗୋଷ୍ଠୀ ସଂଘର୍ଷ ସହ ବୋମା ମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ଗ୍ରାମର ୨୧ଜଣ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୫୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡ଼ା ପଞ୍ଚାୟତର ଦଣ୍ଡୁଆସିପଡା ଗ୍ରାମରେ ଗତ ୯ ତାରିଖରେ ଏକ ରାଜନୈତିକ ରାଲିକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ପରଦିନ ସକାଳୁ ସେଇ କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ଟେକାପଥର ସହ ଠେଙ୍ଗା ମାଡ଼ ଆରମ୍ଭ ହୋଇଥିଲା। ଏଥିରେ ଜଣେ ମହିଳା ସମେତ ୬ ଗୁରୁତର ହୋଇଥିଲେ। ଏଥିରେ ସମସ୍ତ ଆହତଙ୍କୁ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ଗୁରୁତରଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସର ଗିରଫ ଭୟରେ ସେହି ସମୟରେ ସମସ୍ତେ ନୀରବି ଯାଇଥିଲେ ମଧ୍ୟ ଭିତରେ ପ୍ରତିହିଂସାର ନିଆଁ କୁହୁଳୁଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ଗାଁକୁ ଫେରିବା ପରେ ପୂର୍ବ ବିବାଦକୁ କେନ୍ଦ୍ର କରି ଗୁରୁବାର ପୁନର୍ବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ଟେକାପଥର ସହ ୨୦ରୁ ଊର୍ଦ୍ଧ୍ୱ ବୋମା ମାଡ଼ ହୋଇଥିଲା। ବ୍ରହ୍ମଗିରି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗାଁରେ ପଇଁତରା ମାରିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲା। ପୋଲିସ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଥିଲା। କିନ୍ତୁ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ଗ୍ରାମର ୨୧ ଜଣ ମହିଳାଙ୍କୁ ଗିରଫ କରିଥିଲା।

# ଦର୍ଶନ ସହ ଦୀପ ଜାଳିପାରିବେ ଭକ୍ତ

**ପୁରୀ ଅଫିସ, ୨୫।୨:**

**ପଙ୍କୋଦ୍ଧାର ନୀତି, ଜାଗର ଯାତ୍ରା ପ୍ରସ୍ତୁତି**
- ସଜେଇ ହେଉଛି ଶ୍ରୀଲୋକନାଥ ମନ୍ଦିର
- ସ୍ୱତନ୍ତ୍ର ଦର୍ଶନ ଟିକେଟ ଦାମ୍ ଶହେ ଟଙ୍କା
- ଭୋର ୪ଟାରେ ଉଠିବ ମହାଦୀପ

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ପୁରୀ ସହରସ୍ଥ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ଆସନ୍ତା ୨୭ତାରିଖରେ ପଙ୍କୋଦ୍ଧାର ତଥା ପଙ୍କ ଉଜୁଳା ନୀତି ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୧ରେ ମହାଶିବରାତ୍ରି ବା ଜାଗରଯାତ୍ରା ପାଳନ କରାଯିବ। ଏଥିପାଇଁ ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀଲୋକନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବା ସହ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ କୋଭିଡ୍ କଟକଣା କୋହଳ ହୋଇଥିବାରୁ ପଙ୍କୋଦ୍ଧାର ନୀତିରେ ସମସ୍ତ ସେବାୟତ ସାମିଲ ହୋଇ ଏହି ନୀତି ସମ୍ପାଦନ କରିବେ। ସେହିପରି ସ୍ୱତନ୍ତ୍ର ବ୍ୟାରିକେଡ୍ ମାଧ୍ୟମରେ ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀଲୋକନାଥ ଦେବଙ୍କୁ ଦର୍ଶନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହୋଇଥାଏ। ବର୍ଷର ଏହି ଗୋଟିଏ ଦିନ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଲିଙ୍ଗ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେବେ ଦେଶର ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାରର ସ୍ୱତନ୍ତ୍ର ରୀତିନୀତି ଦେଖିବାକୁ ମିଳି ନ ଥାଏ। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସଂପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକାଦାଶୀ ଦିନ ବାହାର କରାଯାଇ ସଫା କରାଯାଇଥାଏ। ଯାହାକୁ ପଙ୍କୋଦ୍ଧାର ନୀତି ବୋଲି କୁହାଯାଏ। ତେବେ ଦୁଇବର୍ଷ ପରେ ଚଳିତ ବର୍ଷ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଦିନ ଭକ୍ତମାନେ ଶ୍ରୀଲୋକନାଥ ମନ୍ଦିରର ଗମ୍ଭୀରା ଭିତରକୁ ଯାଇ ଦର୍ଶନ କରିବାର ସୁଯୋଗ ମିଳିବ। ଏଥିପାଇଁ ଭକ୍ତ ଓ ସେବାୟତ ଉତ୍ସାହିତ ଅଛନ୍ତି। କୋଭିଡ୍ କଟକଣା ଭିତରେ ଶୃଙ୍ଖଳିତ ଭାବେ ମହାଦେବଙ୍କ ନୀତିକାନ୍ତି ଅନୁଷ୍ଠିତ ହେବ। ଜାଗର ପାଇଁ ଲୋକନାଥ ମନ୍ଦିରକୁ ସୁସଜ୍ଜିତ କରାଯାଉଛି। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ପଙ୍କୋଦ୍ଧାର ଏକାଦଶୀରେ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାରଫିଟା ପରେ ବିଭିନ୍ନ ନୀତିକାନ୍ତି ବଢ଼ି ସକାଳ ୮ଟାରୁ ପଙ୍କୋଦ୍ଧାର କରାଯିବ। ମଧ୍ୟାହ୍ନ ୧୨ଟାରୁ ସାଧାରଣ ଭକ୍ତ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିପାରିବେ। ପଙ୍କୋଦ୍ଧାର ଓ ଜାଗରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାରେ ସାମିଲ ହେବାକୁ ଚାହୁଁଥିବା ଭକ୍ତଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟି ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଛି। ପଙ୍କୋଦ୍ଧାର ଏକାଦଶୀ ଦିନ ୨ହଜାର ଓ ଜାଗର ଯାତ୍ରା ଦିନ ୪ହଜାର ସ୍ୱତନ୍ତ୍ର ଦର୍ଶନ ଟିକେଟ ବିକ୍ରି ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଟିକେଟ ଦାମ୍ ୧୦୦ ଟଙ୍କା ରଖାଯାଇଛି। ଜାଗର ଯାତ୍ରା ପାଇଁ ସୋମବାର ରାତ୍ର ୧୨.୩୦ରୁ ଦ୍ୱାରଫିଟା ସହ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ପରେ ମଙ୍ଗଳବାର ଭୋର ୪ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଏହି ଦର୍ଶନ ବ୍ୟବସ୍ଥା ରାତ୍ରୀ ପର୍ଯ୍ୟନ୍ତ ଚାଲିବା ପରେ ବୁଧବାର ଭୋର ୪ଟାରେ ମହାଦୀପ ଉଠିବ। ଜାଗରରେ ଭକ୍ତମାନେ ମନ୍ଦିର ପରିସର ଓ ବାହାରେ ବସି ଦୀପ ଜାଳି ଉଜାଗର ରହିପାରିବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ଏବଂ ବରିଷ୍ଠ ଅଧିକାରୀ ନିୟୋଜିତ ହେବେ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଦର୍ଶନ ସମୟରେ ଭକ୍ତମାନେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପରିଧାନ କରିବେ। ଭକ୍ତମାନେ ଗୋଟିଏ ରାସ୍ତା ଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ଭକ୍ତଙ୍କ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଛି। ସେହିପରି ଅଳ୍ପସଂଖ୍ୟକ ଦୋକାନ ବଜାର ଖୋଲିବାକୁ ଅନୁମତି ଦିଆଯାଇଥିବା ଉପଜିଲାପାଳ ସାହୁ କହିଛନ୍ତି।

# ‘ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ’

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୀପଦାନ ଓ ନୀରବ ପ୍ରାର୍ଥନା

**ପୁରୀ ଅଫିସ, ୨୫।୨:**

ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ ‘ଦି ବେଲ୍’ ପକ୍ଷରୁ ପୁରୀ ଷ୍ଟେଶନ୍‌ରୋଡସ୍ଥିତ ବୁଦ୍ଧମନ୍ଦିର ପରିସରରେ ଶୁକ୍ରବାର ‘ଶାନ୍ତି ପାଇଁ ପ୍ରାର୍ଥନା’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆବାହକ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୟୁକ୍ରେନ ଓ ରୁଷିଆ ମଧ୍ୟରେ ଯୁଦ୍ଧର ଘନଘଟା ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଉଥିବାରୁ ଏହା ବିଶ୍ୱ ପାଇଁ ମଙ୍ଗଳକର ହେବ ନାହିଁ ଏବଂ କୌଣସି ରାଷ୍ଟ୍ରର ସାଧାରଣ ଜନତା ଯୁଦ୍ଧକୁ ପସନ୍ଦ କରନ୍ତି ନାହିଁ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଯୁଦ୍ଧରେ ନିହତ ହୋଇଥିବା ଉଭୟ ଦେଶର ସୈନିକ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବୁଦ୍ଧଙ୍କ ନିକଟରେ ଶୁକ୍ଳ ଫୁଲ ଅର୍ପଣ ସହ ଶାନ୍ତିପାଠ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଶାନ୍ତିର ବାର୍ତ୍ତା ବାଣ୍ଟିବା ଓ ଶାନ୍ତି ବଜାୟ ରଖିବା ପାଇଁ ଶତାଧିକ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଖବରଦାତା ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ମହମବତି ଜାଳି ପ୍ରାର୍ଥନା କରିବା ସହିତ ଶାନ୍ତି ପଦଯାତ୍ରାରେ ସାମିଲ ହୋଇଥିଲେ। ପୂଜ୍ୟପୂଜା ସମନ୍ୱୟ ସମିତି, ବୋଧିଚକ୍ର ସମର୍ପଣ ଟ୍ରଷ୍ଟ, ଗ୍ରୀନ ଅମ୍ବ୍ରେଲା ଫାଉଣ୍ଡେଶନ, ଶ୍ରୀ ସାଇ ଉଦୟ ଲକ୍ଷ୍ମୀ ଟ୍ରଷ୍ଟ, ସଂକଳ୍ପ ଫାଉଣ୍ଡେଶନ, ଆମେ ଶ୍ରୀକ୍ଷେତ୍ରବାସୀ, ଆର୍ଟ ଅଫ୍ ଲିଭିଙ୍ଗ, ଭାଗବତ ସ୍ୱାଧ୍ୟାୟ ସମିତି, ପୁରୀ ଜିଲା କିନ୍ନର ସଂଘ, ଅନ୍ୱେଷଣ, ଶିଶୁ ସମାଚାର, ଫ୍ରିଡମ ପ୍ରଭୃତି ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଜକିଶୋର ପାତ୍ର, ସତ୍ୟନାରାଣ ସାହୁ, ବ୍ରଜକିଶୋର ସାହୁ, ସୁଚରିତା ପାଢ଼ୀ, ଉମେଶ ଦାସ, ଅମର ବାରିକ, ଶଶିକାନ୍ତ ରାଓ, ସୁକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯିବା ସହ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଥିଲେ, ବିଶ୍ୱବାସୀ ଯୁଦ୍ଧ ନୁହେଁ ଶାନ୍ତି ଚାହାନ୍ତି। ବିଶ୍ୱର ଶାନ୍ତି କାମନା କରାଯିବା ସହ ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକ ଓ ସୈନ୍ୟଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।





‘ଦି ବେଲ୍’ ପକ୍ଷରୁ ପୁରୀ ଷ୍ଟେଶନ୍‌ରୋଡସ୍ଥିତ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ‘ଶାନ୍ତି ପାଇଁ ପ୍ରାର୍ଥନା’ କାର୍ଯ୍ୟକ୍ରମ।



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଉଛି।



ପୁରୀ ସମୁଦ୍ରକୂଳ ଉଠାଦୋକାନୀ ସଂଘ ପକ୍ଷରୁ ଥଇଥାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ସଂକ୍ଷେପରେ

### ଜ୍ୟୋତିର୍ଲିଙ୍ଗମ୍ ଦର୍ଶନ ପ୍ରଦର୍ଶନୀ ଉଦ୍‌ଘାଟିତ

ଜଟଣୀ,୨୫।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳସ୍ଥିତ ରାମଚନ୍ଦ୍ରପୁରଠାରେ ଶୁକ୍ରବାର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ୍ ଦର୍ଶନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ନିକଟ ପାଠାଗାର ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ଦ୍ୱାରା ଆୟୋଜିତ ଉକ୍ତ ପ୍ରଦର୍ଶନୀରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସତ୍ୟଜିତ୍ ପଢ଼ିହାରୀ, ପ୍ରତାପ ଚନ୍ଦ୍ର ସାମନ୍ତରାୟ, ନମିତା ପାଳ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଏହି ଆଧାତ୍ମିକ ପ୍ରଦର୍ଶନୀ ଆସନ୍ତା ୧ ତାରିଖରେ ଉଦ୍‌ଯାପିତ ହେବ। ଜ୍ୟୋତିର୍ଲିଙ୍ଗମ୍ ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଓ ଭାଇ ସହଯୋଗ କରିଛନ୍ତି।

### ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ

ଯାଁଳା,୨୫।୨(ଡି.ଏନ୍.ଏ.): ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର କେ-୪ସ୍ଥିତ ‘ଶତାକ୍ଷୀ’ ମହିଳା ସଙ୍ଗଠନ ପ୍ରତିଷ୍ଠାତ୍ରୀ ସ୍ୱର୍ଗତା ଅରୁନ୍ଧତୀ ଦାଶଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ପ୍ରାକୃତିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ.ମିଲନ୍ ପରାଶର, ବିଜୟ କୁମାର ପୃଷ୍ଟି, ମମତା ବିଶ୍ୱାଳ, ଜୟ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରାକୃତିକ ଚିକିତ୍ସାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶତାକ୍ଷୀର ସଭାନେତ୍ରୀ ଉର୍ମିଳା ରାଉତ ଅତିଥିଙ୍କ ପରିଚୟ, ସମ୍ପାଦିକା କଳ୍ପଲତା ନାୟକ ଧନ୍ୟବାଦ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ସଙ୍ଗଠନର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

### ନାଗେଶ୍ୱର ମନ୍ଦିର ପ୍ରତିଷ୍ଠା

ବୋଲଗଡ଼,୨୫।୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ତରେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଶୁକ୍ରବାର ନାଗେଶ୍ୱର ମନ୍ଦିରର ପ୍ରତିଷ୍ଠା କରାଯାଇଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ପରେ ନାଗଦେବତା ମୂର୍ତ୍ତିଙ୍କୁ ସ୍ଥାପନ କରାଯାଇଥିଲା। ତରେଶ୍ୱରଦେବଙ୍କ ମନ୍ଦିରରେ ବିଭିନ୍ନ ସମୟରେ ଶ୍ରଦ୍ଧାଳୁଙ୍କ ଯାଚନାରେ ପ୍ରତିଷ୍ଠା କରାଯାଇଥିବା ଶତାଧିକ ନାଗମୂର୍ତ୍ତିଙ୍କୁ ମୁଖ୍ୟମନ୍ଦିରରୁ ନିଆଯାଇ ନୂତନ ଭାବେ ପ୍ରତିଷ୍ଠିତ ନାଗେଶ୍ୱର ମନ୍ଦିରରେ ସ୍ଥାପନ କରାଯାଇଛି।

### ଶିକ୍ଷାବିତ୍ ଗୋଦାବରୀଶ ପାଇକରାୟଙ୍କ ପରଲୋକ

ବେଗୁନିଆ,୨୫।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମର ଶିକ୍ଷାବିତ୍ ଗୋଦାବରୀଶ ପାଇକରାୟ(୬୯)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ନିମ୍ନ ମାଧମିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ଶିକ୍ଷକ ନେତା ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ପୂର୍ବତନ ଅନୁ ନିରୀକ୍ଷକ, ରାଜନୈତିକ ସଙ୍ଗଠକ ଓ କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଓ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଭଣଜା ମାନସ ମୁଖାଗ୍ନି ଦେଇଥିଲେ। ବିଧାୟକ ରାଜେନ୍ଦ୍ର ସାହୁ, ବିଜେଡି ନେତା ପ୍ରଦୀପ ସାହୁ, କୈଳାସ ଚନ୍ଦ୍ର ମହାପାତ୍ର, ଭଗବାନ ପଣ୍ଡା, ବଳରାମ ରଣସିଂହ, ଭିକାରି ଚରଣ ସାହୁ, ନାରଣ ବଳିୟାରସିଂହ, ଅର୍ଜୁନ ଗଡ଼ବାଡ଼ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଗଡ଼ମାଣତୀର ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନୀ ଦାସଙ୍କ ଅଧକ୍ଷତାରେ ପାଇକରାୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଶ୍ରଦ୍ଧାଞ୍ଜଳି ସଭା

ଜଟଣୀ,୨୫।୨(ଡି.ଏନ୍.ଏ.): ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଙ୍ଘ କାର୍ଯ୍ୟାଳୟ ପରିସରରେ ସାମାଜିକକର୍ମୀ ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ଅଷ୍ଟମ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସେବା ସଙ୍ଘ ଓ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅବନୀ ରାଉତରାୟ ସଭାପତିତ୍ୱ କରିଥିଲେ। ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସେଠୀ, ଆଶିଷ ମହାପାତ୍ର, ଗଗନଚନ୍ଦ୍ର ମଙ୍ଗରାଜ, ଦିବାକର ମଙ୍ଗରାଜ, ଯୋଗେନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# କଡ଼ା ସୁରକ୍ଷାରେ ହେବ ଭୋଟ ଗଣତି

■ ବ୍ଲକରେ ଗଣତି ଦାୟିତ୍ୱରେ ଜିଲାସ୍ତରୀୟ ଅଧିକାରୀ
■ କକ୍ଷକୁ ମୋବାଇଲ, ପାଣିବୋତଲ, ଖାଦ୍ୟସାମଗ୍ରୀ ମନା
■ ଶହେ ମିଟର ପରିଧି ନିଷିଦ୍ଧାଞ୍ଚଳ ଘୋଷଣା

ଖୋର୍ଦ୍ଧା ଅଫିସ,୨୫।୨

ଖୋର୍ଦ୍ଧା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୋଟ ଗଣତି କରାଯିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସକାଳ ୮ଟାରୁ ନିର୍ଦ୍ଧାରିତ କେନ୍ଦ୍ରରେ ଭୋଟ ଗଣତି ଆରମ୍ଭ ହେବ। ଗଣତି କକ୍ଷକୁ ମୋବାଇଲ ଫୋନ୍ ବାରଣ କରାଯାଇଛି। କାଉଣ୍ଟିଂ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ କିମ୍ବା ଏଜେଣ୍ଟମାନେ ମୋବାଇଲ ନେବେ ନାହିଁ। ବିନା ପରିଚୟପତ୍ରରେ ଭିତରକୁ ଛଡ଼ାଯିବ ନାହିଁ। ପାନୀୟଜଳଠାରୁ ଆରମ୍ଭ କରି କୌଣସି ଖାଦ୍ୟସାମଗ୍ରୀ ଭୋଟ ଗଣନା କକ୍ଷକୁ ଯିବନାହିଁ। ଭୋଟ ଗଣତି କେନ୍ଦ୍ରର ଶହେ ମିଟର ପରିଧି ମଧ୍ୟରେ କେହିବି ରହିବେ ନାହିଁ। ସେହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ବେଗୁନିଆ ମହାବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ର।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ସମୟରେ ନିର୍ବାଚନ ଅଧିକାରୀ ଓ ପ୍ରାର୍ଥୀଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟ ଗଣତି ଆରମ୍ଭ ହେବ। ଗଣତି ଆରମ୍ଭରୁ ଜୋନ୍‌ର ସମସ୍ତ ବାଲଟ ପେପର ଶେଷ ହେବା ପର୍ଯ୍ୟନ୍ତ ଗଣତି କରାଯିବ। ଭୋଟ ଗଣତି ପାଇଁ ଜୋନ୍‌ଗୁଡିକ କ୍ରମାନୁସାରେ କରାଯିବ। ବ୍ଲକରେ ୨ଟି ଜୋନ୍ ରହିଥିଲେ ପ୍ରଥମ ଦିନ ପ୍ରଥମ ଜୋନ୍, ୨ୟ ଦିନ ଦ୍ୱିତୀୟ ଜୋନ୍, ୩ୟ ଦିନ ଖାଲି ରହିବ। ୩ଟି ଜୋନ୍ ରହିଥିଲେ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ଜୋନ୍ ଗଣତି କରାଯିବ। ୪ଟି ଜୋନ୍ ରହିଥିଲେ ପ୍ରଥମ ଦିନ ଗୋଟିଏ, ୨ୟ ଦିନରେ ୨ୟ, ୩ୟ ଦିନରେ ୩ ଓ ୪ର୍ଥ ଜୋନ୍‌ର ଭୋଟ ଗଣତି କରାଯିବ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ବ୍ଲକ ସ୍ତରରେ ବିଡିଓଙ୍କୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ଦିଆଯାଇଛି। ଏଥି ସହିତ ଜିଲାର ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ବ୍ଲକର ଭୋଟ ଗଣତି ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲାପାଳ(ଏଡିଏମ୍) ମନୋଜ ପାଢ଼ୀ ଖୋର୍ଦ୍ଧା ଓ ଜଟଣୀ ବ୍ଲକ, ଏଡିଏମ୍ ଅନୁଜ ଦାସ ପଟ୍ଟନାୟକ ଭୁବନେଶ୍ୱର ବ୍ଲକ, ପିଡି ଡିଆର୍‌ଡିଏ ଦିଗନ୍ତ କୁମାର ରାଉତରାୟ ବୋଲଗଡ଼ ଓ ବେଗୁନିଆ, ଅତିରିକ୍ତ ପିଡି ଶକ୍ତିକାନ୍ତ ରାୟ ଟାଙ୍ଗୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ବାଲିଅନ୍ତା ଓ ବାଲିପାଟଣା ଏବଂ ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ ଚିଲିକା ଓ ବାଣପୁର ବ୍ଲକ ଦାୟିତ୍ୱରେ ରହିଛନ୍ତି। ଜିଲା ପରିଷଦ ପଦବୀରେ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ, ଭାଜପା ବ୍ୟତୀତ ସିପିଆଇଏମ୍, ଆମ୍ ଆଦ୍‌ମୀ ପାର୍ଟି, ବିଏସ୍‌ପି ଏବଂ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଜିଲାର ୩୦ ଜୋନ୍‌ରେ ୧୨୯ ଜିଲା ପରିଷଦ ପ୍ରାର୍ଥୀ, ୧୯୦ ପଞ୍ଚାୟତରେ ୬୭୩ ସମିତିସଭ୍ୟ, ୭୮୭ ସରପଞ୍ଚ, ଏବଂ ୬୨୧୫ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପର୍ଯ୍ୟାୟକ୍ରମେ ଭାଗ୍ୟ ନିର୍ଦ୍ଧାରଣ ହେବ। ପ୍ରଥମ ଦିବସ(ଶନିବାର)ରେ ଜିଲାର ୧୦ଟି ବ୍ଲକ, ୬୦ ପଞ୍ଚାୟତର ୮୯୯ ୱାର୍ଡମେମ୍ବରଙ୍କ ନିମନ୍ତେ ଜୋନ୍‌ସ୍ତରୀୟ ଭୋଟ ଗଣତି କରାଯାଇ ଫଳ ପ୍ରକାଶ ପାଇବ। ୨୬ ତାରିଖରେ ଜୋନ୍ ନମ୍ବର ୧, ୪, ୭, ୯, ୧୩, ୧୬, ୧୯, ୨୨, ୨୫ ଓ ୨୮ର ଭୋଟ ଗଣତି କରାଯିବ। ୨୭ରେ ୨, ୫, ୮, ୧୦, ୧୪, ୧୭, ୨୦, ୨୩, ୨୬ ଓ ୨୯ ନଂ. ଜୋନ୍ ଭୋଟ ଗଣନା କରାଯିବ। ସେହିପରି ୨୮ ତାରିଖରେ ୩, ୬, ୧୧, ୧୨, ୧୫, ୧୮, ୨୧, ୨୪, ୨୭ ଓ ୩୦ନଂ. ଜୋନ୍‌ର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ସମ୍ପୃକ୍ତ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ ଓ ସମିତିସଭ୍ୟଙ୍କ ଭୋଟ ଗଣାଯାଇ ଫଳ ପ୍ରକାଶ ପାଇବ। ଗଣତି ନିମନ୍ତେ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରକାଶ ଯେ, ଖୋର୍ଦ୍ଧା ବ୍ଲକର ବିଜେବି ହାଇସ୍କୁଲ, ଚିଲିକା, ଜଟଣୀ, ବାଣପୁର, ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକର ବ୍ଲକ କାର୍ଯ୍ୟାଳୟ ପରିସର, ଟାଙ୍ଗୀର ସରକାରୀ ଏଲିମେଣ୍ଟାରି ଟିଚର ଇନ୍‌ଷ୍ଟିଚ୍ୟୁଶନ, ବାଲିପାଟଣାର ବୁଦ୍ଧନାଥ ହାଇସ୍କୁଲ, ବେଗୁନିଆର ବେଗୁନିଆ କଲେଜ, ବୋଲଗଡ଼ର ପରମାନନ୍ଦ କଲେଜ ପରିସରରେ ଭୋଟ୍ ଗଣତି କରାଯିବ।



ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥିତ ଆଶା ପ୍ଲେ ସ୍କୁଲର ୨୨ତମ ପ୍ରତିଷ୍ଠା ଦିବସରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ।

## ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

ଜଟଣୀ,୨୫।୨(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ଆଶା ପ୍ଲେ ସ୍କୁଲର ୨୨ତମ ପ୍ରତିଷ୍ଠା ଦିବସ ଓ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. କୃଷ୍ଣ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ଅବନୀ ରାଉତରାୟ ଯୋଗଦେଇଥିଲେ। ପ୍ଲେ ସ୍କୁଲରେ ଶିକ୍ଷୟିତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟର ସହ ସଂସ୍ଥାପକ ପ୍ରଦୀପ୍ତ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଲା ସାମନ୍ତରାୟ, ଜୟଲକ୍ଷ୍ମୀ କାନୁନ୍‌ଗୋ, ଦୀପ୍ତିମୟୀ ମଙ୍ଗରାଜ, ପୂଜା ସାମନ୍ତରାୟ, ଅଂଶୁମାନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷା ବିଜୟିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ‘ଆତଙ୍କବାଦୀ ସଙ୍ଗଠନ ଉପରେ ପ୍ରତିବନ୍ଧକ ଲଗାଯାଉ’

ଖୋର୍ଦ୍ଧା ଅଫିସ,୨୫।୨

କର୍ଣ୍ଣାଟକ ଶିବମୋଗା ଜିଲାରେ ବଜରଙ୍ଗ ଦଳର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ଜେହାଦୀମାନେ ଛୁରି ଭୁସି ହତ୍ୟା କରିଛନ୍ତି। ଏହି ଘଟଣାକୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନିନ୍ଦା କରିଛି। ଶୁକ୍ରବାର ଏହାର ପ୍ରତିବାଦରେ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଏକାଧିକ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଦେଶରେ ଜେହାଦୀଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ଆତଙ୍କବାଦୀମାନେ ଦେଶରେ ଅରାଜକତା ସହ ଅଶାନ୍ତିର ବାତାବରଣ, ଗତ କିଛିବର୍ଷ ହେଲା ସାଧୁସନ୍ଥ ସମାଜ ଉପରେ ଆକ୍ରମଣ, ହତ୍ୟା କରୁଛନ୍ତି। ରାଷ୍ଟ୍ରବିରୋଧୀ ଓ ଧାର୍ମିକୀୟ ଅସହିଷ୍ଣୁତା ବିଦ୍ୱେଷ ଭାବ ସୃଷ୍ଟି କରୁଛନ୍ତି। ଦେଶରେ ଚାଲିଥିବା ଆତଙ୍କବାଦ ପଛରେ ପିଏଫ୍‌ଆଇ, ଏସ୍‌ଡିପିଆଇ ଭଳି ସଙ୍ଗଠନ ରହିଛି। ଏମାନେ ଦେଶର ଅଖଣ୍ଡତା, ସାମାଜିକ, ଧାର୍ମିକ, ଆର୍ଥିକ, ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଏଭଳି ଆତଙ୍କବାଦୀ ସଙ୍ଗଠନ ଉପରେ ପ୍ରତିବନ୍ଧକ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବଜରଙ୍ଗ ଦଳ ବିଭାଗ ସମ୍ପାଦକ ବିଭୁଦେନ୍ଦ୍ର ବିଦ୍ୟାଧର, ଜିଲା ସମ୍ପାଦକ ନିତ୍ୟପ୍ରୀତ ଚମ୍ପତି, ଭିଏଚ୍‌ପି ସମ୍ପାଦକ ପ୍ରଦୀପ ସ୍ୱାଇଁ, ଅଜିତ୍ ସିଂ, ପ୍ରତ୍ୟୁଷ ରଞ୍ଜନ ବାରିକ, ବୀରେନ୍ଦ୍ର ସିଂ, ରଘୁନାଥ ସିଂଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାହାଣମେଲା, ଗର୍ଭଗୃହ ଦର୍ଶନ ବାରଣ

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

**ଜାଗରଯାତ୍ରା ଗାଇଡ୍‌ଲାଇନ୍ ଜାରି**

ଆସନ୍ତା ୧ ତାରିଖରେ ମହାଶିବରାତ୍ରି ଓ ଜାଗରଯାତ୍ରା। ରାଜଧାନୀରେ ଥିବା ମନ୍ଦିରରେ କୋଭିଡ୍ କଟକଣା ଭିତରେ ଏହାକୁ ପାଳନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିରରେ ସାହାଣମେଲା ଓ ଗର୍ଭଗୃହ ଦର୍ଶନକୁ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାରଠାରୁ ଆଡ଼କାଠ ମଧ୍ୟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ। ତେବେ ଏହି ସମୟରେ ଶ୍ରଦ୍ଧାଳୁମାନେ କୌଣସି ପୂଜା, ଭୋଗ କରି ପାରିବେ ନାହିଁ। ସେହିପରି ମନ୍ଦିର ମଧ୍ୟରେ ଉଭୟ ସେବାୟତ, ଶ୍ରଦ୍ଧାଳୁମାନଙ୍କୁ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ପରିସରରେ ପାନ, ଗୁଟ୍‌ଖା ଖାଇବା ଉପରେ ରୋକ୍ ଲଗାଯାଇଛି। ଅସୁସ୍ଥତା ଅନୁଭବ କରୁଥିବା ବ୍ୟକ୍ତି, ବୃଦ୍ଧ, ଗର୍ଭବତୀ ଏବଂ ୧୨ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିର ପ୍ରବେଶ ଉପରେ ବାରଣ କରାଯାଇଛି। ଶିବରାତ୍ରି ସମୟରେ କୌଣସି ମେଳା, ମହୋତ୍ସବ ହୋଇପାରିବ ନାହିଁ। ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମନ୍ଦିରରେ ଏହି ନିର୍ଦ୍ଦେଶନାମା ପାଳନ କରିବାକୁ ମାନିବାକୁ କୁହାଯାଇଛି।

## ବୋମାମାଡ଼ ଘଟଣାରେ ୨୧ ମହିଳା ଗିରଫ

ବ୍ରହ୍ମଗିରି,୨୫।୨(ଡି.ଏନ୍.ଏ.)

**ପୁରୁଷଶୂନ୍ୟ ଦଣ୍ଡୁଆସିପଡ଼ା ଗ୍ରାମ**

ରାଜନୈତିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମରେ ଗୁରୁବାର ଗୋଷ୍ଠୀ ସଂଘର୍ଷ ସହ ବୋମା ମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ଗ୍ରାମର ୨୧ଜଣ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୫୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡ଼ା ପଞ୍ଚାୟତର ଦଣ୍ଡୁଆସିପଡା ଗ୍ରାମରେ ଗତ ୯ ତାରିଖରେ ରାଜନୈତିକ ରାଲିକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ପରଦିନ ସକାଳୁ ସେଇ କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ଟେକାପଥର ସହ ଠେଙ୍ଗା ମାଡ଼ ଆରମ୍ଭ ହୋଇଥିଲା। ଏଥିରେ ଜଣେ ମହିଳା ସମେତ ୬ ଗୁରୁତର ହୋଇଥିଲେ। ଏଥିରେ ସମସ୍ତ ଆହତଙ୍କୁ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ଗୁରୁତରଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୩ ମହିଳା ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସର ଗିରଫ ଭୟରେ ସେହି ସମୟରେ ସମସ୍ତେ ନୀରବି ଯାଇଥିଲେ ମଧ୍ୟ ଭିତରେ ପ୍ରତିହିଂସାର ନିଆଁ ଜୁଳୁଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ଗାଁକୁ ଫେରିବା ପରେ ପୂର୍ବ ବିବାଦକୁ କେନ୍ଦ୍ର କରି ଗୁରୁବାର ପୁନର୍ବାର ଦୁଇଗୋଷ୍ଠୀ ମୁହାଁମୁହିଁ ସହ ବୋମାଡ଼ ହୋଇଥିଲା।

## ମୁକ୍ତାକାଶରୁ ୩ କଏଦୀ ଖଲାସ

ବାରଙ୍ଗ, ୨୫।୨(ଡି.ଏନ୍.ଏ.)

ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ଶୁକ୍ରବାର ଆଜୀବନ ବନ୍ଦୀ ଜୀବନଯାପନ କରୁଥିବା ୩ କଏଦୀଙ୍କୁ ଖଲାସ କରାଯାଇଛି। ସେମାନେ ହେଲେ କୋରାପୁଟ ସର୍କଲ ଜେଲ୍‌ରୁ ଏଠାକୁ ୨୦୧୮ରେ ଆସିଥିବା କାଶୀନାଥ କୁଳଦୀପ ଓ ସାହେବ ମୁଦୁଲି, ମୟୂରଭଞ୍ଜ ସର୍କଲ ଜେଲରୁ ସେହିବର୍ଷ ଆସିଥିବା ଲଡୁ ଚପିଆରଙ୍କୁ ରାଜ୍ୟ ସରକାର ଖଲାସ କରିଛନ୍ତି। ଲଡୁ ଛୁଟିରେ ରହି ଖଲାସ ହୋଇଥିବାବେଳେ ଅନ୍ୟ ଦୁଇଜଣ କାରାଶ୍ରମରେ ରହି ଖଲାସ ହୋଇଛନ୍ତି। କରୋନା ଯୋଗୁ ୨୬ କଏଦୀ ଲମ୍ବାଛୁଟିରେ ଯାଇଥିବାବେଳେ ଏବେ ୨୦ଜଣ କଏଦୀ କାରାଶ୍ରମରେ ରହିଥିବା ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଶୃଙ୍ଖଳିତ ଭୋଟ ଗଣତିକୁ ଗୁରୁତ୍ୱ

ନିରାକାରପୁର/ଟାଙ୍ଗୀ/ବୋଲଗଡ଼, ୨୫।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ପାଇଁ ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏହି ବ୍ଲକରେ ମୋଟ ୧ଲକ୍ଷ ୩୨ହଜାର ଭୋଟରଙ୍କ ମଧ୍ୟରୁ ୯୭ ହଜାର ଭୋଟର ମତଦାନ କରିଛନ୍ତି। ୨୬ତାରିଖରେ ଟାଙ୍ଗୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୯ନମ୍ବର ଜୋନ ଅର୍ଥାତ୍ ବଡପୋଖରିଆ, ସରପାରି, ଅଚ୍ୟୁତପୁର, କମାଗୁରୁ, ଟାଙ୍କୋଳ, ଛଣଗିରି, ଓଳସିଂହ ପଞ୍ଚାୟତର ଭୋଟ ଗଣତି ହେବ। ଭୋଟ ବାକ୍ସକୁ ଅଲଗା କରିବା ପାଇଁ ୫ଟି ଟ୍ରେର ବ୍ୟବସ୍ଥା ରହିଛି। ଗଣନା ସମୟରେ ପ୍ରାର୍ଥୀଙ୍କ ଏଜେଣ୍ଟ ଉପସ୍ଥିତ ରହିବେ। ଶାନ୍ତି ଶୃଙ୍ଖଳାରେ ଭୋଟ ଗଣନା କାର୍ଯ୍ୟ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହଇଛି। ଏହି ଗଣତି ବେଳେ ଜଣେ ଡିଏସ୍‌ପି , ୩ ଜଣ ଇନିସ୍ପେକ୍ଟର,୧ ପ୍ଲାଟୁନ ପୋଲି ଫୋର୍ସ ସହିତ ଭିଏଚପି ସେଟ,ସ୍ୱାସ୍ଥ୍ୟ ସେବା ଓ ଅଗ୍ନିଶମ ବାହିନୀ ଉପସ୍ଥିତ ରହିବେ ବୋଲି ଦାୟିତ୍ୱରେ ଥିବା ବିଡିଓ କହିଛନ୍ତି।

ସେହିପରି ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ଭୋଟ ଗଣତି କେନ୍ଦ୍ର ଭାବେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷକୁ ପ୍ରସ୍ତୁତି କରାଯାଇଛି ବୋଲି ବିଡିଓ ଧୋବେଇ ନାୟକ କହିଛନ୍ତି। ୭ଟି ଟେବୁଲରେ ଭୋଟ ଗଣତି କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଶନିବାର ୨୫ନଂ. ଜିଲାପରିଷଦ ଜୋନର ବୋଲଗଡ, ଡାବରଧୁଆପାଟଣା, ଖଣ୍ଟୁରିଆ, କଳାଙ୍ଗ, ଦଳେଇସାହି ଓ ଫାସିଓଦା ପଞ୍ଚାୟତର ଗଣତି ହେବ। ପ୍ରତି ରାଉଣ୍ଡ ଭୋଟ ଗଣତି ଫଳାଫଳକୁ ଗଣତି କେନ୍ଦ୍ରଠାରେ ଡାକବାଜି ଯନ୍ତ୍ରରେ ପର୍ଯ୍ୟାୟକ୍ରମେ ଘୋଷଣା କରାଯିବ।

## ପାଚେରି ଭାଙ୍ଗିଲା, ବନ ବିଭାଗ ନାକେଦମ୍

ଖୋର୍ଦ୍ଧା ଅଫିସ,୨୫।୨

ଖୋର୍ଦ୍ଧା ଜିଲାରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ଓ ସହରମୁହାଁ ହେଉଛନ୍ତି। ଗୁରୁବାର ରାତିରେ ଏକ ହାତୀ ଖୋର୍ଦ୍ଧା ସହରରେ ପଶିବା ସହ ଅନେକ ସ୍ଥାନରେ ପାଚେରି ଭାଙ୍ଗିଥିବା ଜଣାପଡ଼ିଛି। ବନ ବିଭାଗର ଦୁଇଟି ଟିମ୍‌କୁ ହାତୀ ଘଉଡ଼ାଇବାରେ ନାକେଦମ୍ ହେବାକୁ ପଡ଼ିଥିଲା। ରାତି ପ୍ରାୟ ୧ଟାରୁ ୩ଟା ପର୍ଯ୍ୟନ୍ତ ହାତୀ ସହରର ବିଭିନ୍ନ ସ୍ଥାନ ଦେଇ ଜରିପୁଟ ଜଙ୍ଗଲକୁ ପଳାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ହାତୀ ସହରରେ ବୁଲୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

ସୂଚନା ମୁତାବକ, ଚନ୍ଦକା ଜଙ୍ଗଲରୁ ଏକ ହାତୀ ଆସି ରାତିରେ ରତନପୁର ଦେଇ କୁମାରବସ୍ତ ଗାଁରେ ପଶିଥିଲା।





ସେଠାରୁ ଗୁରୁଜଙ୍ଗ, ସାମନ୍ତରାପୁର ଓ ପରେ ମୁକୁନ୍ଦପ୍ରସାଦରେ ପହଞ୍ଚିଥିଲା। ରାତି ପ୍ରାୟ ୧ଟାରେ ମୁକୁନ୍ଦପ୍ରସାଦର ଜେନାସାହି, ପୋଡ଼ାସାହି, ରଘୁନାଥ ସାହିରେ ବୁଲି ପାଚେରି ଭାଙ୍ଗିବା ସହ କଦଳୀ ଖାଇଥିଲା। ଖବର ପାଇ ବନ ବିଭାଗ ଟିମ୍ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ସେଠାରୁ ହାତୀ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ପଛପଟେ ଯାଇ ଡିଏଫ୍‌ଓଙ୍କ ପୁରୁଣା ରେଷ୍ଟହାଉସର ପାଚେରି ଭାଙ୍ଗି ରାସ୍ତାକୁ ଉଠିଥିଲା। ସେଠାରୁ ପୁଣି ବିଡିଏ କଲୋନୀରେ ବୁଲାବୁଲି କରିବା ସହ ଭାଲିଆବାଡି ଗାଁରେ ପ୍ରବେଶ କରିଥିଲା। ସେଠାରୁ ତୋଟାପଡ଼ା ଦେଇ ଜରିପୁଟ ଜଙ୍ଗଲକୁ ପଳାଇଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି।

**ଖୋର୍ଦ୍ଧା ସହରରେ ପଶିଲା ହାତୀ**

ତେବେ ଦୀର୍ଘ ୨ଘଣ୍ଟା ଧରି ହାତୀ ଖୋର୍ଦ୍ଧା ସହରରେ ଯାତାୟାତ କରିଥିବା ସିସିଟିଭିରେ କଏଦ ହୋଇଛି। ତେବେ ବାରମ୍ବାର ହାତୀ ସହରମୁହାଁ ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ପୂର୍ବରୁ ହାତୀ ସହରରେ ୫ଥର ପ୍ରବେଶ କରିଥିବା ଜଣାପଡ଼ିଛି। ଖୋର୍ଦ୍ଧା ବନାଞ୍ଚଳରେ ରହୁଥିବା ହାତୀଙ୍କ ଖାଦ୍ୟ ପାଇଁ କୌଣସି ସୁବିଧା ନାହିଁ। ଫଳରେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ହାତୀ ଆସୁଛନ୍ତି ବୋଲି ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି।

### ୪୭.୧୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଏୟାରପୋର୍ଟ ଥାନା ପୋଲିସ ଜଣେ ମହିଳା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡାର ରଜନୀ ସାହୁ। ପୋଲିସ ତାଙ୍କଠାରୁ ୪୭.୧୨ ଗ୍ରାମ୍ ବ୍ରାଉନସୁଗାର, ନଗଦ ୨୩ ହଜାର ୨୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ରଜନୀ ଏୟାରପୋର୍ଟ ଥାନା ଅନ୍ତର୍ଗତ ମା’ ଗୌରୀ ରିସର୍ଟ ସାମ୍ନା କାର୍ଗିଲ ବସ୍ତିରେ ରହି ବ୍ରାଉସୁଗାର ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ତାଙ୍କ ଘର ଉପରେ ଚଢାଉ କରିଥିଲା। ତେବେ ଗିରଫ ପରେ ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ଖୋର୍ଦ୍ଧାରୁ ୬୦ ହଜାର ଟଙ୍କାରେ ବ୍ରାଉନସୁଗାର କିଣି ୯୦ ହଜାରରେ ବିକ୍ରି କରୁଥିଲେ ବୋଲି ପଚରାଉଚରା ବେଳେ ପୋଲିସ ଜାଣିବାକୁ ପାଇଛି।

### ପ୍ରାଚୀନ ଐତିହାସିକ ଲେଖନୀ ସମ୍ବନ୍ଧରେ ଆଲୋଚନା

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଶୁକ୍ରବାର ‘ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଲେଖନୀରେ ସ୍ୱାଧୀନତା ସଂଗ୍ରାମୀ’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଜୟ ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଐତିହାସିକ ପାଣିଗ୍ରାହୀଙ୍କ ଲେଖା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରାଚୀନ ଐତିହାସିକ ଲେଖନୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ଲେଖକ ଡ. ଜୟନ୍ତୀ ରଥ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଲେଖନୀରେ ସ୍ୱାଧୀନତା ସଂଗ୍ରାମୀ ଯୋଗଦାନ ସମ୍ପର୍କିତ ଏକ ସମ୍ୟକ ସୂଚନା ପ୍ରଦାନ କରିବା ସହ ତାଙ୍କର କୀର୍ତ୍ତି ଓ କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଶା ଇତିହାସର ଅନେକ ଲୁକ୍କାୟିତ ଅଧ୍ୟାୟକୁ ଗବେଷଣା ମାଧ୍ୟମରେ କିପରି ଲୋକଲୋଚନକୁ ଆଣିପାରିଥିଲେ ସେ ସମ୍ବନ୍ଧରେ ଡ. ରଥ କହିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ସଂଗୀତ ପରିବେଷଣ କରିଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ସଂଗ୍ରହାଧକ୍ଷା ଶୁଚିସ୍ମିତା ମନ୍ତ୍ରୀ ସଂଯୋଜନା କରିଥିବା ବେଳେ ଡ. ଭାରତୀ ପାଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ମୋବାଇଲ ଜବତ, ୩ ଗିରଫ

ପୁରୁଣା ଭୁବନେଶ୍ୱର, ୨୫।୨(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ଥାନା ପୋଲିସ ଶୁକ୍ରବାର ୩ ମୋବାଇଲ ଫୋନ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସରୋଜ ପାତ୍ର, ସନ୍ତୋଷ ବେହେରା ଓ ବିଜୟ କର। ଏମାନଙ୍କ ନିକଟରୁ ଚୋରି ମୋବାଇଲ ଜବତ ହୋଇଛି। ସୂଚନାଥାଉ କି, ବଶିଷ୍ଠ ନଗର ଅଞ୍ଚଳର ସୁଲୋଚନା ଦାସ ତାଙ୍କ ଘରୁ ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। କେତେଜଣ ସ୍ଥାନୀୟ ଯୁବକ ଚୋରିରେ ସମ୍ପୃକ୍ତ ଥିବା ନେଇ ଏତଲାରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଫେବୃୟାରୀ, ୨୦୨୨



**ଫୁଟ୍‌ବଲ : କ୍ୱାର୍ଟରରେ କରଡ଼ାପଲ୍ଲୀ**

ଟିଗିରିଆ,(ଡି.ଏନ୍.ଏ.): ଟିଗିରିଆ ବ୍ଲକ କରଡ଼ାପଲ୍ଲୀ ଖେଳପଡ଼ିଆରେ ଯୁବ ଅହମ୍ମଦିୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୩ୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ଫୁଟ୍‌ବଲ କ୍ଲବକୁ ୯-୮ ଗୋଲରେ ପରାସ୍ତ କରି ଆୟୋଜକ ଯୁଥ କ୍ଲବ କରଡ଼ାପଲ୍ଲୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକର ମାଧ୍ୟମରେ ଉଭୟ ଦଳ ୫-୫ ସ୍ଥିତିରେ ରହିଥିଲେ। ଶେଷରେ ସଡନଡେଥ୍ ଜରିଆରେ କରଡ଼ାପଲ୍ଲୀ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଫୁଟ୍‌ବଲ ଖେଳାଳି ଅତହାର ଅହମ୍ମଦ ଖାଁ, ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ କମିଟି ସମ୍ପାଦକ ସେକ୍ ଅବଦୁଲ୍ ତୋୟବ ଓ ଜମାତ ଅହମ୍ମଦିୟା ପଞ୍ଚାଳ ପୂର୍ବତନ ସଭାପତି ଫର୍ଜନ ଅଲ୍ଲୀ ଖାଁ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ଚୌଦ୍ୱାର,୨୫।୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁର ପଞ୍ଚାୟତ ଅଧୀନ ମଝିସାହିରେ ଶୁକ୍ରବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ବିପିନ ଜଟଙ୍କ ୪ ବଖରା ଜଳିଯାଇଛି। ଏଥିରେ ଘରର ଆସବାବପତ୍ର ସମେତ ୬୦ ହଜାର ଟଙ୍କା ପୋଡିଯାଇଥିବା ଜଣାପଡିଛି। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ସରପଞ୍ଚ ସୁକାନ୍ତ ରାଉତ ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ୍ ଓ ଶୁଖିଲା ଖାଦ୍ୟ ଦେବା ସହିତ ରହିବା ପାଇଁ ଏକ ଘରର ବ୍ୟବସ୍ଥା କରିଥିଲେ। ଶନିବାର ତହସିଲ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଆରଆଇ ପ୍ରତିଶ୍ରୁତି ଦେଇଛନ୍ତି।

### କଂଗ୍ରେସର ସାଙ୍ଗଠନିକ ବୈଠକ

କଟକ ଅଫିସ,୨୫।୨: କଟକ ନଗର ୫୪ ନମ୍ବର ୱାର୍ଡ କଂଗ୍ରେସ କମିଟିର ସାଂଗଠନିକ ବୈଠକ ସ୍ଥାନୀୟ ପୋତାପୋଖରୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ପୌର ନିର୍ବାଚନ ନିମନ୍ତେ ଦଳୀୟ ସଂଗଠନକୁ ବୁଥ ସ୍ତରରେ ସଂଗଠିତ କରିବାକୁ କହିଥିଲେ। ଆଗାମୀ ଦିନରେ ୱାର୍ଡ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମାବେଶ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କମିଟି ସଭାପତି ପ୍ରଦୋଷ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ନଗର କଂଗ୍ରେସ ଉପସଭାପତି ମଜିଦ ଖାନ, ରଞ୍ଜନ ମହାରଣା, ବିଜୟ କୁମାର ସାହୁ, ବିଜୟ ବେହେରା, ଆଶିଷ କୁମାର ଦାସ, ଅଭିମନ୍ୟୁ ପତି, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।

### ଅଗ୍ନିକାଣ୍ଡରେ ୨ ଗାଈ, ବାଛୁରୀ ଜୀବନ୍ତ ଦଗ୍ଧ

ସାଲେପୁର,୨୫।୨(ଡି.ଏନ୍.ଏ.): ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ଗ୍ରାମର ଏକ ଗୁହାଳରେ ନିଆଁ ଲାଗି ଅଲେଖ ଚନ୍ଦ୍ର ବିଶ୍ୱାଳଙ୍କ ୨ ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଥିରେ ବିଶ୍ୱାଳଙ୍କ ୨ ବଖରା ଆଜବେଷ୍ଟସ ଘର ମଧ ଜଳିଯାଇଛି। ଘରର ସମସ୍ତ ସାମଗ୍ରୀ ପୋଡ଼ିଯାଇଛି। କୌଣସି କାରଣରୁ ରାତିରେ ବିଶ୍ୱାଳଙ୍କ ଗୁହାଳରେ ପ୍ରଥମେ ନିଆଁ ଲାଗି ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା। ଖବରପାଇ ସାଲେପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ରେଭେନ୍‌ଶା ଛାତ୍ରୀଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

କଟକ ଅଫିସ,୨୫।୨: ରେଭେନଶା ବିଶ୍ୱବିଦ୍ୟାଳୟର ଛାତ୍ରୀ ଜ୍ୟୋତି ରାମାୟା ମଲ୍ଲିକଙ୍କ ପରଲୋକରେ ଶିକ୍ଷା ବିଭାଗ ଓ କେମିଷ୍ଟ୍ରି ବିଭାଗ ପକ୍ଷରୁ ଶୁକ୍ରବାର କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜ୍ୟୋତିଙ୍କର ବ୍ରେନ୍ ହାମରେଜ ଯୋଗୁ ଗତ ଗୁରୁବାର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟ କୁଳପତି, ଅଧାପିକାଅଧାପକ ଏବଂ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଶୋକ ପ୍ରକାଶ କରିଛନ୍ତି।

# ସଫଳତା ପାଇଁ ୩ ଦଳ ଆଶାବାଦୀ

କଟକ ଅଫିସ,୨୫।୨

ପୌର ନିର୍ବାଚନ ପାଇଁ ଶୁକ୍ରବାର ତାରିଖ ଘୋଷଣା ହେବାପରେ କଟକ ସହରରେ ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। ସହରର ୩ ପ୍ରମୁଖ ରାଜନୈତିକ ଦଳରେ ଏକାଧିକ ଆଶାୟୀ ରହିଥିବାରୁ କାହାକୁ ଟିକେଟ ମିଳିବ ସେନେଇ ପ୍ରାର୍ଥୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅପରପକ୍ଷେ କଟକ ମହାନଗର ନିଗମ(ସିଏମ୍‌ସି) କର୍ପୋରେଟର ଏବଂ ମେୟର ପଦବୀ ପାଇଁ ଚୁଡାନ୍ତ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି। ସିଏମ୍‌ସିର ମୋଟ୍ ୫୯ଟି ୱାର୍ଡ ମଧ୍ୟରୁ ୩୩ ୱାର୍ଡ ସଂରକ୍ଷିତ ଓ ୨୬ଟି ୱାର୍ଡ ଅସଂରକ୍ଷିତ ରହିଛି। ସେହିପରି ମେୟର ପଦବୀ ଅସଂରକ୍ଷିତ ରହିଛି। ଗୁରୁବାର ସିଏମ୍‌ସି ପକ୍ଷରୁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସହରରେ ମୋଟ୍ ୪ଲକ୍ଷ ୫୦ ହଜାର ୭୫୯ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୨ଲକ୍ଷ ୩୧ହଜାର ୩୦, ମହିଳାଙ୍କ ସଂଖ୍ୟା ୨ ଲକ୍ଷ ୧୯ ହଜାର ୫୯୮ ଓ ୧୩୧ କିନ୍ନର ରହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ପରେ ପ୍ରମୁଖ ଦଳଗୁଡିକ ପକ୍ଷରୁ ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରିଥିବାବେଳେ ଚଳିତଥର ପୌର ନିର୍ବାଚନରେ ମଧ ଦଳ ଅଧିକ ସଂଖ୍ୟକ ସିଟ୍ ହାତେଇବ ବୋଲି ଆଶାପ୍ରକଟ କରିଛି । ଅପରପକ୍ଷେ ସହରରେ ଚାଲିଥିବା ବିକାଶର ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଆଭିମୁଖ୍ୟ ନେଇ ବିଜେଡି ନିର୍ବାଚନ ଲଢିବ ବୋଲି ଜଣାପଡିଛି। ସେହିପରି ଭାଜପା ମଧ ୪୦ରୁ ଉର୍ଦ୍ଧ୍ୱ ସିଟ୍ ହାତେଇବ ବୋଲି ଦଳ ପକ୍ଷରୁ କୁହାଯାଇଛି।



"ନିର୍ବାଚନ ପରେ ସହରବାସୀ ନିର୍ବାଚିତ ପ୍ରତିନିଧି ପାଇବେ। ସହରରେ ଥିବା ମୌଳିକ ସମସ୍ୟା ସମାଧାନ ପାଇଁ ବାଟ ଫିଟିବ। ନିର୍ବାଚନ ପାଇଁ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲୋକମାନଙ୍କ ସହ ଦଳ ସର୍ବଦା ରହିଆସିଛି। କେଉଁ ୱାର୍ଡରେ କିଏ ପ୍ରାର୍ଥୀ ହେବେ ତାହା ଚୟନ ସରିଛି। ସହରରେ ୨୦୧୯ ବିଧାନସଭା ନିର୍ବାଚନରେ ଯେଉଁ ପରିବର୍ତ୍ତନ ହୋଇଥିଲା ପୌର ନିର୍ବାଚନରେ ମଧ ତାହା ଜାରି ରହିବ। ସହରର ବିକାଶ ଓ ସମସ୍ୟାର ସମାଧାନ ଆଭିମୁଖ୍ୟ ରଖି କଂଗ୍ରେସ ନିର୍ବାଚନ ଲଢ଼ିବ।

**ମହମ୍ମଦ ମୋକିମ୍,**
**ବାରବାଟୀ–କଟକ ବିଧାୟକ, କଂଗ୍ରେସ**



"ତୃଣମୂଳ ସ୍ତରରୁ ସହରରେ ବିଜେଡି ସମ୍ପୂର୍ଣ୍ଣ ସୁଦୃଢ଼ ରହିଛି। ଗତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବ। ଯେହେତୁ ସରକାର ବହୁତ ଜନହିତକର କାର୍ଯ୍ୟ କରିଛନ୍ତି ଏବଂ ଲୋକଙ୍କୁ ସବୁପ୍ରକାର ସହାୟତା ଯୋଗାଇଛନ୍ତି ସେଥିପାଇଁ ସହରବାସୀ ନିଶ୍ଚିନ୍ତ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ। ସହରରେ ଚାଲିଥିବା ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଆଭିମୁଖ୍ୟ ନେଇ ଦଳ ନିର୍ବାଚନ ଲଢ଼ିବ। ଦଳର ସଭାପତିଙ୍କ ନିଷ୍ପତ୍ତି ଅନୁଯାୟୀ, କର୍ପୋରେଟର ଓ ମେୟର ପାଇଁ ପ୍ରାର୍ଥୀ ଚୟନ କରାଯିବ।

**ପ୍ରଶାନ୍ତ ନାୟକ,**
**ଜିଲା ସାଧାରଣ ସମ୍ପାଦକ, ବିଜେଡି**



"ନିର୍ବାଚନ ପାଇଁ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲୁ। ପ୍ରତି ୱାର୍ଡରେ ବୈଠକ କରାଯାଇଛି। ଦଳର କର୍ମୀଙ୍କୁ ସଙ୍ଗଠିତ କରି ରଖିଛୁ। ପ୍ରତି ୱାର୍ଡରେ ୩ରୁ ୪ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ ମିଳିବ। ଚଳିତଥର ୪୦ କର୍ପୋରେଟର ସିଟ୍ ଦଖଲ କରିବା ଲକ୍ଷ୍ୟ ରଖିଛୁ। ସହରରେ ଜାଇକା ସମସ୍ୟା, ବସ୍ତି ଆବାସ ଯୋଜନାର ଦୁର୍ନୀତି, ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସହରବାସୀଙ୍କୁ ଅବଗତ କରାଇବା ଭାଜପାର ମୁଖ୍ୟ ଏଜେଣ୍ଡା ରହିବ।

**ଲଲାଟେନ୍ଦୁ ବଡ୍ଡୁ,**
**ଭାଜପା କଟକ ନଗର ସଭାପତି**

## ଦୋକାନ ଭାଙ୍ଗି ୩୫ କୁକୁଡ଼ା ଚୋରି, ବାଇକ୍ ପୋଡ଼ି

ଖୁଣ୍ଟୁଣୀ,୨୫।୨(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନକୁ ନେଇ ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ହିଂସା ଘଟି ଗୋଟିଏ ବାଇକ୍ ପୋଡ଼ିବା ସହ ଏକ ମାଂସ ଦୋକାନକୁ ଭାଙ୍ଗି ୩୫ରୁ ଉର୍ଦ୍ଧ୍ୱ କୁକୁଡ଼ା ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଖୁଣ୍ଟୁଣୀ ଥାନା ମାଣତ୍ରୀ ଗ୍ରାମର ରକିବ ଖାନ(ଅନୁ) ଖୁଣ୍ଟୁଣୀ ନୂଆବଜାର କମିଟିର ଜଣେ ସଦସ୍ୟ। ସେ ବଜାର ଉପରେ ଏକ ମାଂସ ଦୋକାନ କରିଥିଲେ। ନିର୍ବାଚନ ପୂର୍ବ ରାତ୍ରିରେ ମାଣତ୍ରୀ ଗ୍ରାମରେ ଟଙ୍କା ବଣ୍ଟାକୁ ନେଇ ମାଣତ୍ରୀ ଓ କଣ୍ଡରେଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୨ଟି ଗାଡ଼ି ଭଙ୍ଗାରୁଜା ସହ କିଛି ଟଙ୍କା କେତେଜଣ ଛଡାଇ ନେଇଯିବାରୁ ମାଣତ୍ରୀ ଗ୍ରାମବାସୀ କଣ୍ଡରେଇର ୨ଜଣ ଯୁବକଙ୍କୁ ଅଟକ ରଖିଥିଲେ। ଏହାର ରାଗ ରଖି ସେହିଦିନ କଣ୍ଡରେଇ ଗ୍ରାମର କେତେକ ଯୁବକ ମାଣତ୍ରୀ ଗ୍ରାମର ଜଣେ ଟ୍ରକ ଚାଳକଙ୍କୁ କଣ୍ଡରେଇରେ ଅଟକ ରଖିଥିଲେ। ମାଣତ୍ରୀ ଗ୍ରାମ ଲୋକଙ୍କୁ ଗାଁ ବାହାରକୁ ନ ଛାଡ଼ିବାରୁ ଅସୁବିଧା ହେଉଥିଲା। ଏପରିକି ଗୁରୁବାର ରାତିରେ କେତେକ ଦୁର୍ବୃତ୍ତ ଅନୁଙ୍କ ଦୋକାନ ଭାଙ୍ଗି କୁକୁଡ଼ା ଚୋରି କରି ନେଇଥିଲେ। ଏ ସମ୍ପର୍କରେ ଅନୁ ଶୁକ୍ରବାର ଫୋନ ଯୋଗେ ଖୁଣ୍ଟୁଣୀ ପୋଲିସକୁ ଜଣାଇଛନ୍ତି। ସେହିପରି ଗୁରୁଡ଼ିଝାଟିଆ ଥାନାର ଓରନ୍ଦା ଗ୍ରାମର ପ୍ରାର୍ଥୀ ରଞ୍ଜିତ ପ୍ରଧାନଙ୍କର ଏକ ବାଇକ୍‌କୁ ତାଙ୍କର ୨ ସମର୍ଥକ ଗୁରୁବାର ରାତିରେ ସ୍ଥାନୀୟ ଫରେଷ୍ଟ ବିଟ ହାଉସରେ ରଖି ଭିତରକୁ ଯାଇଥିଲେ। ହେଲେ ଫେରିବାବେଳେ ଗାଡ଼ିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଏ ନେଇ ରଞ୍ଜିତ ଶୁକ୍ରବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ବିଜ୍ଞାନ, ସାହିତ୍ୟକୁ ଗୋକୁଳାନନ୍ଦଙ୍କ ଅବଦାନ ସ୍ମରଣିକାରେ ସ୍ଥାନିତ ହେବ

କଟକ ଅଫିସ, ୨୫।୨

**ଗୋକୁଳାନନ୍ଦ ମହାପାତ୍ର ଜନ୍ମ ଶତବାର୍ଷିକୀ ସ୍ମରଣିକା କମିଟି ବୈଠକ**
■ **ଶିକ୍ଷାନୁଷ୍ଠାନରେ ବର୍ଷବ୍ୟାପୀ ହେବ କାର୍ଯ୍ୟକ୍ରମ**

ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଜନ୍ମ ଶତବାର୍ଷିକୀ ସ୍ମରଣିକା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସିଡିଏ ସେକ୍ଟର-୬ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏକ ସ୍ମରଣିକା ପ୍ରକାଶ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସ୍ମରଣିକାରେ ଲୋକପ୍ରିୟ ବିଜ୍ଞାନ, ସାହିତ୍ୟକୁ ଗୋକୁଳାନନ୍ଦଙ୍କ ଅବଦାନ, ତାଙ୍କ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନ ତଥା ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭୂମିକା ଆଧାରିତ ଲେଖା ସ୍ଥାନିତ କରାଯିବ। ଏଣୁ ଗୋକୁଳାନନ୍ଦଙ୍କ ସଂସ୍ପର୍ଶରେ ଆସିଥିବା ବିଦ୍ୱାନ୍ ଓ ବ୍ୟକ୍ତିବିଶେଷ ସେମାନଙ୍କ ପାଖରେ ଥିବା ଗୋକୁଳାନନ୍ଦଙ୍କ ପ୍ରକାଶିତ ଲେଖା ଏବଂ ଫଟୋ ସ୍ମରଣିକା କମିଟିର ମୁଖ୍ୟ ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ ବି/୩, ଏଚ୍‌ଆଇଜି କଲୋନୀ, ବରମୁଣ୍ଡା ହାଉସିଂ କଲୋନୀ, ଭୁବନେଶ୍ୱର କିମ୍ବା ଇମେଲ୍ crmishra49@yahoo.inରେ ପଠାଇବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଡ. ମିଶ୍ର କହିଛନ୍ତି, ଆସନ୍ତା ମେ' ୨୪ ତାରିଖ ଗୋକୁଳାନନ୍ଦଙ୍କ ଜନ୍ମ ଶତବାର୍ଷିକୀ। ଏନେଇ ୨୦୨୨ ମେ' ୨୪ରୁ ୨୦୨୩ ମେ' ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିସହ ଏକ ବିଶ୍ୱସ୍ତରୀୟ ସ୍ମରଣିକା କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଉକ୍ତ ବୈଠକରେ ସ୍ମରଣିକା ସମ୍ପାଦନା ମଣ୍ଡଳୀର ସଦସ୍ୟ ଡ. ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଡା. ନିତ୍ୟାନନ୍ଦ ସ୍ୱାଇଁ, ସଞ୍ଜିତ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।

## ୪ ବୁଥ୍‌ରେ ସାନି ମତଦାନ ଦାବି

ଆଠଗଡ଼,୨୫।୨(ସ୍ୱ.ପ୍ର.)

ଟିଗିରିଆ ବ୍ଲକରେ ଗତ ୨୦ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଏହି ସମୟରେ ନିଜଗଡ ପଞ୍ଚାୟତର କରଡାପଲ୍ଲୀ ଗ୍ରାମରେ ୪ଟି ବୁଥ୍ ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ କେତେଜଣ ପ୍ରାର୍ଥୀଙ୍କ ପ୍ରତିନିଧି ଆଠଗଡ ମହାବୀର ପ୍ଲାଜାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। କରଡାପଲ୍ଲୀ ଗ୍ରାମର ୧୩,୧୪,୧୫,୧୬ ନମ୍ବର ବୁଥ୍‌ରେ ହୋଇଥିବା ୯୩ ପ୍ରତିଶତ ମତଦାନ ଉପରେ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଉକ୍ତ ବୁଥ୍‌ଗୁଡ଼ିକରେ ପୁନଃ ମତଦାନ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ମୁଖ୍ୟ ସଚିବ, କଟକ ଜିଲାପାଳ ଗ୍ରାମାଞ୍ଚଳ ଏସ୍‌ପି, ଟିଗିରିଆ ବିଡିଓ ଏବଂ ଆଠଗଡ ଉପଜିଲାପାଳ ଏବଂ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଫେରାଦ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ସରପଞ୍ଚ ପ୍ରାର୍ଥୀ ସଂଯୁକ୍ତା ମହାନ୍ତିଙ୍କ ପୁଅ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ଓ ସମିତିସଭ୍ୟ ପ୍ରାର୍ଥୀ ଲିପି ନାୟକଙ୍କ ସ୍ୱାମୀ ଦେବରାଜ ମହାନ୍ତି ଏବଂ ଯୁବନେତା ବୁଦ୍ଧି ସାହୁଙ୍କ ପକ୍ଷରୁ ଏହି ସମ୍ମିଳନୀ କରାଯାଇଥିଲା।

## ଆଜିଠୁ ଭୋଟ ଗଣତି: ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ

ନିଶ୍ଚିନ୍ତକୋଇଲି/ଟିଗିରିଆ/ ସାଲେପୁର,୨୫।୨(ସ୍ୱ.ପ୍ର./ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ଭୋଟ ଗଣତି କାର୍ଯ୍ୟକ୍ରମ ଶନିବାର ସକାଳୁ ଆରମ୍ଭ ହେବ। ଏନେଇ କଟକ ଜିଲାର ନିଶ୍ଚିନ୍ତକୋଇଲି, ଟିଗିରିଆ, ସାଲେପୁର ବ୍ଲକରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଗଣତିସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରଥମ ଦିନରେ ନିଶ୍ଚିନ୍ତକୋଇଲି ବ୍ଲକର ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ୨୪ ନଂ. ଜିଲା ପରିଷଦ ଜୋନ୍ ନିମନ୍ତେ ଗଣତି ହେବ। ଏହି ଜୋନ୍‌ରେ ୮ଟି ପଞ୍ଚାୟତ ରହିଛି। ଏଠାରୁ ଜିଲା ପରିଷଦ ପଦବୀରେ ୩, ସରପଞ୍ଚରେ ୩୪,ସମିତି ସଭ୍ୟରେ ୨୪ ଓ ୱାର୍ଡ ମେମ୍ବରରେ ୧୦୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଟିଗିରିଆରେ ବ୍ଲକ କାର୍ଯ୍ୟାଳୟରେ ୧ ନଂ. ଜିଲା ପରିଷଦ ଜୋନ୍ ପାଇଁ ଗଣତି ହେବ। ଏଠାରେ ୭ଟି ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ୨୭ତାରିଖରେ ୨ନଂ. ଜିଲା ପରିଷଦ ଜୋନ୍ ପାଇଁ ଭୋଟ ଗଣତି ହେବ। ସାଲେପୁର ହାଇସ୍କୁଲ ପରିସରରେ ପ୍ରଥମ ଦିନରେ ୪୩ ନଂ. ଜୋନ୍ ପାଇଁ ଭୋଟ ଗଣତି ହେବ। ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୮ ପଞ୍ଚାୟତର ପ୍ରାର୍ଥୀଙ୍କ ନିର୍ବାଚନ ଫଳାଫଳ ଘୋଷଣା ହେବ। ୨୭ ତାରିଖରେ ୪୪ ନଂ. ଜୋନ୍ ଏବଂ ୨୮ ତାରିଖରେ ୪୫ ଓ ୪୬ ନଂ. ଜୋନ୍‌ରେ ଭୋଟ ଗଣତି କରାଯିବ।

## ୧୪ ବୁଥ୍‌ରେ ସାନି ମତଦାନ

ନିଆଳି,୨୫।୨(ଡି.ଏନ୍.ଏ.)

କଟକ ଜିଲା ନିଆଳି ବ୍ଲକର ୩ଟି ପଞ୍ଚାୟତରେ ଗୁରୁବାର ନିର୍ବାଚନୀ ହିଂସାକାଣ୍ଡ ଘଟିଥିଲା। ବିଭିନ୍ନ ବୁଥ୍‌ରେ ମତଦାନବେଳେ କେତେଜଣ ଦୁର୍ବୃତ୍ତ ପଶି ଭୋଟ ବାକ୍ସରେ ପାଣି ଢାଳି ଦେଇଥିବାବେଳେ ଆଉ କେଉଁଠି ଭୋଟ ବାକ୍ସକୁ ନେଇ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ଏଥିଯୋଗୁ ୧୪ଟି ବୁଥ୍‌ରେ ନିର୍ବାଚନ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଲୋକମାନେ ପୋଖରୀଗାଁ ଛକରେ ରାସ୍ତାରୋକୋ କରିବା ସହ ସାନି ମତଦାନ ପାଇଁ ଦାବି କରିଥିଲେ। ଖବରପାଇ କଟକ ପିଡି ଡିଆରଡିଏ ଅମ୍ବର କର, ନିଆଳି ତହସିଲଦାର ବିଦ୍ୟାଧର ପତି, ଥାନାଧିକାରୀ ବିଜୟ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ସାନି ମତଦାନ ହେବା ପାଇଁ କହିଥିଲେ। ଫଳରେ ଶୁକ୍ରବାର ଉପରୋକ୍ତ ୧୪ଟି ବୁଥ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ସାନି ମତଦାନ ହୋଇଥିଲା। ପୋଖରୀଗାଁ ପଞ୍ଚାୟତର ୧, ୭, ୮, ୧୧, ୧୨, ୧୩, ୧୪, ୧୫, ୧୬, ୧୭ ,୧୮ ଓ ୧୯ନଂ. ବୁଥ୍, ବିଳାଶୁଣୀ ପଞ୍ଚାୟତର ୧୪ନଂ. ବୁଥ୍‌ରେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଥିଲା। ଅଲଣା ପଞ୍ଚାୟତର ୧୨ନଂ. ବୁଥ୍‌ରେ ମତଦାନବେଳେ ଗଣ୍ଡଗୋଳ ସହ ବୋମାମାଡ ଘଟିଥିଲା। ପରେ ପୋଲିସ ଉପସ୍ଥିତିରେ ସେଠାରେ ମତଦାନ ହୋଇଥିଲା। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟ ଅଧିକାରୀମାନେ ବିଭିନ୍ନ ବୁଥ୍‌ରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ।

## ୩୯ ୱାର୍ଡରେ ସରିଛି ଡୋର ନମ୍ବରିଂ କାର୍ଯ୍ୟ



ସମୀକ୍ଷା ବୈଠକରେ ସିଏମ୍‌ସି ଡେପୁଟି କମିସନର ଅଜୟ କୁମାର ମହାନ୍ତିଙ୍କ ସହ ଅନ୍ୟମାନେ।

କଟକ ଅଫିସ,୨୫।୨

**ଡେପୁଟି କମିଶନରଙ୍କ ସମୀକ୍ଷା ବୈଠକ**

ଆସନ୍ତା ଏପ୍ରିଲ ସୁଦ୍ଧା କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ଟି ୱାର୍ଡର ସମସ୍ତ ଘରେ ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସୁଦ୍ଧା ୩୯ଟି ୱାର୍ଡର ସମସ୍ତ ଘରେ ଏହି ବ୍ୟବସ୍ଥା କରାଯାଇଥିବାବେଳେ ୬ଟି ୱାର୍ଡରେ କାର୍ଯ୍ୟ ଜାରି ରହିଥିବା ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି। ଏନେଇ ଶୁକ୍ରବାର ସିଏମ୍‌ସି ବିଜୁ ଭବନ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପରୋକ୍ତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ମହାନ୍ତି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ସିଏମ୍‌ସି ଅଞ୍ଚଳର ପ୍ରତି ଘର, ବ୍ୟବସାୟିକ ପ୍ରତିଷ୍ଠାନର ଦ୍ୱାର ସମ୍ମୁଖରେ ୧୩ଟିକିଆ ଡିଜିଟାଲ ସ୍ମାର୍ଟ ନମ୍ବର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ଲୋକମାନଙ୍କୁ ଠିକଣା ଖୋଜିବାରେ ସମସ୍ୟା ହେବ ନାହିଁ। ଏଥିପାଇଁ ଦିଲ୍ଲୀର ଏକ ଘରୋଇ ସଂସ୍ଥା ସହ ସିଏମ୍‌ସି ଚୁକ୍ତି କରିଛି । ଏଥିପାଇଁ ୪୦ଜଣିଆ ଟିମ୍ ନିୟୋଜିତ ହୋଇଛନ୍ତି।

## ଶାରୀରିକ, ମାନସିକ ଦକ୍ଷତା ପାଇଁ ଖେଳକୁଦ ଆବଶ୍ୟକ

କଟକ ଅଫିସ,୨୫।୨

**ଡ୍ରିମ୍ସ ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା**

ଡ୍ରିମ୍ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂର ୮ମ ବାର୍ଷିକ କ୍ରୀଡା ଉତ୍ସବ 'ରଣାରଙ୍ଗମ୍' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଡ୍ରିମ୍ସର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୪ ଦିନ ଧରି ଉକ୍ତ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିକେଟ, କ୍ୟାରମ୍, ଚେସ୍ ସମେତ ବିଭିନ୍ନ ଖେଳକୁଦ ସାମିଲ କରାଯାଇଥିଲା। ବାଳକ ବର୍ଗରେ ଛାତ୍ର ସରୋଜ ମଲ୍ଲିକ ଏବଂ ବାଳିକା ବର୍ଗରେ ଛାତ୍ରୀ ତପସ୍ୱିନୀ ବେହେରା ଚାମ୍ପିୟନ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଶାରୀରିକ ଓ ମାନସିକ ଦକ୍ଷତା ପାଇଁ ଶ୍ରେଣୀଗୃହ ପାଠପଢା ସହିତ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ବିଶିଷ୍ଟ ଅତିଥି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ଏବଂ ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ସ୍ୱାଗତ ଭାଷଣ, ପ୍ରାଧ୍ୟାପକ ଫନୀନ୍ଦ୍ରରେଡ୍ଡି ଭାଦୁରୀ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରେଣୁବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଡ୍ରିମ୍ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଚୋରା ଗାଡ଼ି କାଟି ଯନ୍ତ୍ରାଂଶ ବିକୁଥିଲେ

କଟକ ଅଫିସ,୨୫।୨

**୫,୪୦,୦୦୦ ଟଙ୍କା, ଗାଡି ଯନ୍ତ୍ରାଂଶ ଜବତ: ୫ ଗିରଫ**

ଚୋରା ଗାଡି କାଟି ଯନ୍ତ୍ରାଂଶ ବିକ୍ରି କରିବା ଘଟଣାରେ ଚାଉଳିଆଗଞ୍ଜ ପୋଲିସ ୫ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ମୁକ୍ତାପାଶିର ସୁନୀଲ କୁମାର ପରିଡା, ବାହାପୁର ନୂଆସାହିର ଗୌରାଙ୍ଗ ସାହୁ(୪୫), ବାବୁ ଖାନ୍ (୩୨), ଅନୁଗୋଳ ଜିଲା ଜଙ୍ଗଲ ଜାମୁଡାର ପ୍ରତାପ ପ୍ରଧାନ (୩୨) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାରର ରାଜୁ ଓରଫ ରାଜେନ୍ଦ୍ର କୁମାର ନାୟକ(୩୭)। ସେମାନଙ୍କଠାରୁ ୫, ୪୦,୦୦୦ ଟଙ୍କା ସହ ଟ୍ରକ କାଟିବା ଯନ୍ତ୍ରାଂଶ, ଦୁଇଟି ଚୋରି ଟ୍ରକ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଟାଙ୍ଗୀ, ଚାଉଳିଆଗଞ୍ଜ, ଢେଙ୍କାନାଳ, ବଅଁରପାଳ ଆଦି ଥାନାରେ ୬ଟି ମାମଲା ରହିଥିବା କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତପୁର ଗ୍ରାମର ସଦେଇ ସାହାଣୀଙ୍କ ଏକ ଟ୍ରକ( ନଂ.ଓଆର୦୪ଏଚ୍-୫୪୬୮) ଗତ ୧୬ ତାରିଖ ବିଳମ୍ବିତ ରାତିରେ ବିଦ୍ୟାଧରପୁର ନିକଟରୁ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଚାଉଳିଆଗଞ୍ଜ ପୋଲିସ ଏକ ମାମଲା(ନଂ.୫୨/୨୨) ରୁଜୁ କରିଥିଲା। ତଦନ୍ତ ସମୟରେ ପୋଲିସ ସାଇ ମନ୍ଦିର ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ପାଇଥିଲା। ସେମାନେ ଟ୍ରକ୍‌କୁ ନେଇ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକରେ ଥିବା ରାଜୁ ଗ୍ୟାରେଜରେ କାଟିଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଗାଡି ଯନ୍ତ୍ରାଂଶ ଓ ଟାୟାର ଜବତ କରିଥିଲା। ଉକ୍ତ ଗ୍ୟାରେଜରେ ଚୋରା ଟ୍ରକକୁ କାଟି ଖଣ୍ଡ ଖଣ୍ଡ କରାଯିବା ପରେ ବିକ୍ରି କରାଯାଉଥିଲା। ଏହା ପୂର୍ବରୁ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ଏକାଧିକ ଟ୍ରକ, ବସ୍ ସହ ଅନ୍ୟାନ୍ୟ ଗାଡିକୁ ଆଣି ଗ୍ୟାରେଜରେ କାଟୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗାଡିକୁ ଜବତ କରିବା ସହିତ ଘଟଣାସ୍ଥଳରୁ ଜଣକୁ ଧରି ପଚରାଉଚରା କରିଥିଲା । ଏହାପରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା।




ଗିରଫ ୫ ଅଭିଯୁକ୍ତ । ଜବତ ଟଙ୍କା ସହ ଅନ୍ୟ ସାମଗ୍ରୀ।